

ତୁମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମ କର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
-ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ ୮ ମନୋନୀତ



ଦାମନଯୋଡ଼ି,୨୧।୧୦(ସ୍ୱ.ପ୍ର.): କୋରାପୁଟ ଜିଲା ବିଦ୍ୟାଳୟ ସମୂହର ଯୋଗ ଓ ଆଥଲେଟିକ୍ସ ଚାମ୍ପିୟନଶିପ୍ ପ୍ରତିଯୋଗିତା ଦୁଇଦିନ ଧରି କୁନ୍ଦୁରାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିରର ୧୧ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୮ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ମନୋନୀତ ହୋଇଛନ୍ତି। ସେମାନେ ହେଲେ ବିଶ୍ୱମୋହିନୀ ସାହୁ, ବିଭୁଚନ୍ଦନ ପାଣିଗ୍ରାହୀ, ଶୁଭାଶିଷ ମିଶ୍ର, ପୁଷ୍ପଲତା ପାଣିଗ୍ରାହୀ, ହରିପ୍ରିୟା ପାତ୍ର, ଦିପ୍ତିମୟୀ ଶତପଥୀ, ଆୟୁଷ୍ମାନ ସାହୁ ଓ ଶୁଭଙ୍କର ସେଠୀ। ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ନୟାଗଡ ଦଶପଲ୍ଲା ସାତପଡାର ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ବିଦ୍ୟାମନ୍ଦିରର ଶାରିରୀକ ଶିକ୍ଷା ତଥା ଯୋଗ ଶିକ୍ଷକ ଡ. ନିରୋଧ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ ସଫଳତା ପାଇଁ ବିଦ୍ୟାମନ୍ଦିର ପରିଚାଳନା ସମିତି, ସମ୍ପାଦକ ଅଶୋକ ନାୟକ ଓ ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ମନ୍ଦିର ସଫେଇ କଲେ ବରିଷ୍ଠ ନାଗରିକ



କୋଲାବନଗର, ୨୧।୧୦ (ଡି.ଏନ.ଏ.): ପବିତ୍ର କାର୍ତ୍ତିକ ମାସ ଦ୍ୱିତୀୟ ସୋମବାର ଉପଲକ୍ଷେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସର କୋଲାବନଗରସ୍ଥିତ ବରିଷ୍ଠ ନାଗରିକ ସଂଗଠନ ତରଫରୁ ସଫେଇ କରାଯାଇଛି। ୨୦ ଜଣ ବରିଷ୍ଠ ନାଗରିକ ମନ୍ଦିର ପରିସରରେ ପଡ଼ିଥିବା ଅଳିଆ ଆବର୍ଜନାକୁ ସଫା କରିଥିଲେ। ଏଥିସହ ଅନାବନା ଗଛଗୁଡିକୁ କାଟି ସଫା କରିବା ସହ ଝାଡୁ ମାରି ମନ୍ଦିର ପ୍ରାଙ୍ଗଣକୁ ପରିଷ୍କାର କରିଥିଲେ।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ଦଶମନ୍ତପୁର,୨୧।୧୦(ଡ଼ି.ଏନ.ଏ): ସ୍ଥାନୀୟ ଦଶମନ୍ତପୁର ବ୍ଲକ ସ୍ଥିତ ବିଇଓଙ୍କ କାର୍ଯ୍ୟାଳୟରେ ସୋମବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶମନ୍ତପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଦାଶିବ ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ତରୁଣୀ ସେନ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ବିଇଓ ଅଫିସର ମୁଖ୍ୟ କିରାଣି ଗୌରୀଶଙ୍କର ଶତପଥୀଙ୍କ ସମେତ ୧୪ଟି ବିଦ୍ୟାଳୟ ଏବଂ ସେବାଶ୍ରମଗୁଡିକର ଛାତ୍ରୀଛାତ୍ର ,ଶିକ୍ଷୟିତ୍ରୀଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ଏଥିରେ ଚିତ୍ରାଙ୍କନ, କୁଇଜ, ସୃଜନୀଶିଳ ଲିଖନ, ବକ୍ତୃତା, ସଙ୍ଗୀତ ଏବଂ ହସ୍ତାକ୍ଷର ଓ ଶ୍ରୁତଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଫାଇନାନ୍ସ କମ୍ପାନୀରୁ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରି

#### ୨୬ ଦିନ ପରେ ଥାନାରେ ଅଭିଯୋଗ

ଜୟପୁର,୨୧।୧୦ (ନି.ପ୍ର):ଭାରତ ଫାଇନାନ୍ସ ଲିମିଟେଡରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଜଣାଯାଇଛି। ଚୋରି ହେବାର ୨୬ ଦିନ ପରେ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା (ନଂ୨୫୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ଜୟପୁର କୁନ୍ଦାରିଗୁଡାରେ ଭାରତ ଫାଇନାନ୍ସ ଲିମିଟେଡର ଏକ ଶାଖା ରହିଛି। ଗତ ସେପ୍ଟେମ୍ବର ୨୬ ତାରିଖରେ ଫାଇନାନ୍ସ କମ୍ପାନୀର ଅଫିସରଙ୍କ ଡ୍ରରୁ ୩ ଲକ୍ଷ ୪ ହଜାର ଟଙ୍କା ଚୋରି ହୋଇଥିବା କମ୍ପାନୀ ଶାଖା ପରିଚାଳକ ବାସୁଦେବ ଦାସ ଥାନାରେ ଅଭିଯୋଗ କରିଛନ୍ତି। ୫ ରୁ ୭ ଜଣ ଦୁର୍ବୃତ୍ତ ଏହି ଚୋରି କରିଥିବା କମ୍ପାନୀ ତରଫରୁ ସୂଚନା ଦିଆଯାଇଛି।

■ କୋରାପୁଟର ୨ୟ ସାହିତ୍ୟ ଉତ୍ସବ ଉଦ୍‌ଯାପିତ

# ସାହିତ୍ୟ ସମାଜର ପଥ ପ୍ରଦର୍ଶକ

କୋରାପୁଟ,୨୧।୧୦(ସ୍ୱ.ପ୍ର)




ଉଦ୍‌ଯାପନୀ ଉତ୍ସବରେ ଜିଲାପାଳଙ୍କ ସହ ଅନ୍ୟମାନେ।

ସାହିତ୍ୟ ହେଉଛି ସମାଜର ପଥପ୍ରଦର୍ଶକ। ସାହିତ୍ୟ ଦ୍ୱାରା ମଣିଷର ଏକାଗ୍ରତା ଭାବ ସୃଷ୍ଟି ହୁଏ, ଯାଦ୍ୱାରା ବିଶ୍ୱର ହିତ ସାଧିତ ହୋଇଥାଏ । ସୋମବାର କୋରାପୁଟ ୨ୟ ସାହିତ୍ୟ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଗଣେଶୀ ଲାଲ ଏହା କହିଛନ୍ତି । ସ୍ଥାନୀୟ ଆଦିବାସୀ ସଂଗ୍ରାହଳୟ ପରିସରରେ ଆୟୋଜିତ ଏହି ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାକୁ ରାଜ୍ୟପାଳ ଶୁଭାରମ୍ଭ କରିଥିଲେ। କୋରାପୁଟରେ ସାହିତ୍ୟକୁ ନେଇ ଏପରି ରାଜ୍ୟସ୍ତରୀୟ ଉତ୍ସବ ଆୟୋଜିତ ହୋଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ। ପୁରାଣରୁ କୃଷ୍ଣ ଓ ଜଗନ୍ନାଥଙ୍କ ସମୟରେ ସାହିତ୍ୟ କିପରି ପରିମାର୍ଜିତ ଥିଲା ସେ ନେଇ ପୁରାଣର ବିଭିନ୍ନ ହିତବାଣୀକୁ ପ୍ରକାଶ କରିଥିଲେ । ଏଥିସହିତ ସାହିତ୍ୟ ଦ୍ୱାରା ବିଶ୍ୱ ସନ୍ତୁଳନ ରକ୍ଷା ସହ ଆତଙ୍କବାଦ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ବନ୍ଦ ହୋଇ ପାରିବ ବୋଲି କହିଥିଲେ । ଓଡିଆ ମିଡିଆ ପ୍ରକାଶନ ସଂସ୍ଥା ଦ୍ୱାରା ଆୟୋଜିତ ଏହି ଉତ୍ସବରେ ସଂସ୍ଥା ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଏଥିରେ ଜମ୍ମୁ କଶ୍ମିରର ପ୍ରସିଦ୍ଧ ଡୋକ୍ରତ ଭାଷାର ସାହିତ୍ୟିକ ପ୍ରଫେସର ଲିଲିତ ମଙ୍ଗୋତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋରାପୁଟର ପରିବେଶ ଓ ଲୋକଙ୍କୁ ପ୍ରଶଂସା କରିଥିଲେ । ଏପରି ସାହିତ୍ୟ ଉତ୍ସବରେ ସେ ଅତିଥି ଭାବେ ଯୋଗଦେବା ତାଙ୍କ ଜୀବନର ଏକ ଅଭୁଲା ସ୍ମୃତି ହୋଇ ରହିବ ବୋଲି କହିଥିଲେ । ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ଏଠାକାର ପ୍ରାକୃତିକ ବୈଭବ, ଦେଓମାଳୀ ଓ ନନ୍ଦପୁର ବତ୍ରିସ ସିଂହାସନ ଭଳି ବିଭିନ୍ନ ପର୍ଯ୍ୟଟନସ୍ଥଳି କୋରାପୁଟକୁ ବିଶ୍ୱସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଛି । କୋରାପୁଟରେ ସାହିତ୍ୟ ଉପରେ ଏପରି ଉତ୍ସବ କରାଯାଉଥିବା ଏକ ବଡ କଥା ବୋଲି କହିଥିଲେ । କୋରାପୁଟ ବିଧାୟକ ରଘୁରାମ ପୋଡାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋରାପୁଟରେ ଏଭଳି ସାହିତ୍ୟ ଉତ୍ସବ ଦ୍ୱାରା ଲୁକାୟିତ ବହୁ ପ୍ରତିଭା ଲୋକଲୋଚନକୁ ଆସିପାରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଡଃ ଗୌରହରୀ ଦାସ ଏବଂ ପ୍ରଫେସର ବିପିନ ନାୟକଙ୍କୁ ଦ୍ୱିତୀୟ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ସେହିପରି କୋରାପୁଟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନେଇ ସୁଜୟ ପ୍ରଧାନ, ଖବରଦାତା ସିଏସ ସାନ୍ତାକାର, ଅକ୍ଷୟ ପାତ୍ର, କବି ଜଳଧର ସ୍ୱାଇଁ , ପ୍ରଶାସକ ଆଲୋକ ଚନ୍ଦ୍ର ଅନୁଗୁଳିଆ, ଲେଖକ ସତ୍ୟନାରାୟଣ କନ୍ତାୟତ, ସାମାଜିକ କର୍ମୀ ସଞ୍ଜୀତ ପଟ୍ଟନାୟକ, ଚନ୍ଦ୍ରକାନ୍ତ ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସାହିତ୍ୟ ଉପରେ ଆଲୋଚନା, କବିତା ଆସର ,କୋରାପୁଟର ବିକାଶ ଉପରେ ଏକ ତର୍କ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଭୃଗୁ ବକ୍ସିପାତ୍ର, ରବିନାରାୟଣ ନନ୍ଦ, ପୂର୍ବତନ ଜିଲାପାଳ ଗଦାଧର ପରିଡା, ସାମାଜିକ କର୍ମୀ ଝୁମି ଡାନିଏଲ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ପୂର୍ବରୁ ରାଜ୍ୟପାଳ ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟ ପରିଦର୍ଶନ କରି ଆଦିମ ଜନଜାତିମାନଙ୍କ ବିଭିନ୍ନ ସାମାଜିକ ଚାଲିଚଳଣୀ ଓ ସେମାନଙ୍କ ସଂସ୍କୃତି ଉପରେ ରହିଥିବା ବିଭିନ୍ନ ସାମଗ୍ରୀକୁ ବୁଲି ଦେଖିଥିଲେ । ଏଥିରେ ରାଜ୍ୟ ଓ ରାଜ୍ୟ ବାହାରରୁ ଶତାଧିକ ସାହିତ୍ୟିକ, ଲେଖକ, କବି ଯୋଗ ଦେଇଥିଲେ।

## ଅଜଣା ରୋଗରେ ପଡ଼ିଛନ୍ତି ଭଉଣୀଭାଇ

ଦଶମନ୍ତପୁର,୨୧।୧୦(ଡି.ଏନ୍.ଏ.)



ଅଜଣା ରୋଗରେ ପୀଡ଼ିତ ଭାଇଭଉଣୀ।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ଦେଓଖୋଡ଼କ ଗ୍ରାମର ଗୋଟିଏ ପରିବାରର ୨ ଜଣ ସଦସ୍ୟ ଦିନକୁ ଦିନ ଭିନ୍ନକ୍ଷମ ପାଲଟି ଯାଉଛନ୍ତି। ସ୍ତ୍ରୀ ପ୍ରଭାସିନୀ, ୨ ପୁଅ ଓ ଗୋଟିଏ ଝିଅକୁ ନେଇ କ୍ରୁଶ୍ ଭତ୍ରାଙ୍କ ପରିବାର। ବଡ଼ପୁଅ ବାହାରେ ରୋଜଗାର କରୁଥିବା ବେଳେ ଝିଅ ସାଲୋମି (୧୮), ସାନପୁଅ ସାମୁଏଲ (୧୬) ଘରେ ରହୁଛନ୍ତି। ସାଲୋମି ପ୍ରଥମରୁ ଦଶମ ଶ୍ରେଣୀ ଯାଏ ହଷ୍ଟେଲରେ ରହି ପାଠ ପଢୁଥିଲେ। ମାଟ୍ରିକ ଫେଲ ହେବା ପରେ ସେ ଘରକୁ ଫେରିଆସିଥିଲେ। ହଠାତ୍ ସେ ଅଜଣା ରୋଗର ଶିକାର ହୋଇ ସ୍ୱାଭାବିକ ଚାଲିବା, ମୁଣ୍ଡ ବୁଲାଇ ପାରୁନାହାନ୍ତି। ଧୀରେଧୀରେ ଚାଲିବା ବେଳେ ସେ ଝୁଣ୍ଟି ପଡୁଛନ୍ତି। ସେହିପରି ସାମୁଏଲ +୨ ପଢୁଛନ୍ତି ସତ, କିନ୍ତୁ ୨ ବର୍ଷ ହେଲା ସେ ବି ଠିକ୍ ସେ ଚାଲିପାରୁ ନ ଥିବାବେଳେ ଚକ୍ଷୁ ଡୋଳା ସ୍ଥିର ରହୁନାହିଁ। ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ର ସହ କୋରାପୁଟରେ ଚିକିତ୍ସା କରାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଡାକ୍ତର ବ୍ରହ୍ମପୁର ନେବା ପାଇଁ କହିବାରୁ ଅର୍ଥ ଅଭାବ ଲାଗି ସେମାନଙ୍କୁ ଘରକୁ ଫେରାଇ ଅଣାଯାଇଥିଲା। କୁଲି କରି ଯେଉଁ ଦିପଇସା ରୋଜଗାର ହେଉଛି, ସେଥିରେ ବହୁ କଷ୍ଟରେ ୪ ପ୍ରାଣୀର ପେଟକୁ ମୁଠାଏ ଆହାର ମିଳୁଛି। ସେଥିରେ ଚିକିତ୍ସା କଥା ଚିନ୍ତା କରିବା ସେମାନଙ୍କ ପାଇଁ ଅସମ୍ଭବ ମନେହେଉଛି। ବାହାଦେବା ବୟସରେ ଝିଅର ଏଭଳି ରୋଗ ପାଇଁ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି ପରିବାର। ପ୍ରଶାସନ ଏଥିପାଇଁ ସହାୟତା ଦେବାକୁ ସେମାନେ ନିବେଦନ କରିଛନ୍ତି।

■ ୬୦ତମ ଶହୀଦ ସ୍ମୃତି ଦିବସ

# ୨୯୨ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

କୋରାପୁଟ,୨୧।୧୦(ସ୍ୱ.ପ୍ର)



ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ପରେଡ଼ରେ ଅଭିବାଦନ ଗ୍ରହଣ କରୁଛନ୍ତି।

କୋରାପୁଟ ଜିଲା ପୋଲିସ ପକ୍ଷରୁ ସୋମବାର ସ୍ଥାନୀୟ ପୋଲିସ ପଡିଆଠାରେ ୬୦ତମ ପୋଲିସ ଶହୀଦ ସ୍ମୃତି ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେଶ ମାତୃକାର ସୁରକ୍ଷା କରିବା ନେଇ ନିଜ ଜୀବନକୁ ତ୍ୟାଗ କରିଥିବା ୨୯୨ ଜଣ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସଫିନ ଅହମ୍ମଦ କେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପରେଡରେ ଅଭିବାଦନ କରିବା ସହିତ ପରିଦର୍ଶନ କରିଥିଲେ । ସମ୍ମାନିତ ଅତିଥି ଭାବେ କୋରାପୁଟ ଜିଲା ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ଯୋଗଦେଇ ଦେଶର ସୁରକ୍ଷାରେ ଆତ୍ମବଳି ଦେଇଥିବା ଯବାନଙ୍କୁ ସ୍ମରଣ କରିବା ସହିତ ସେମାନଙ୍କ ଉଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଆୟୋଜିତ ପରେଡରେ ମୋଟ ୧୫୦ ଯବାନ ଅଂଶ ଗ୍ରହଣ କରିଥିଲେ। ପୋଲିସ ଆରଆଇ ସୁବାସଚନ୍ଦ୍ର ନାୟକ ପରେଡ ପରିଚାଳନା କରିଥିଲେ। ପରେ ସ୍ଥାନୀୟ ପଡିଆଠାରେ କରାଯାଇଥିବା ଶହୀଦ ସ୍ତମ୍ଭଠାରେ ଡିଆଇଜି ଓ ଏସ୍‌ପିଙ୍କ ସମେତ ପୋଲିସର ସମସ୍ତ ପଦସ୍ଥ ଅଧିକାରୀ ଶହୀଦ ହୋଇଥିବା ଜିଲାର ୧୮ ଜଣ ଯବାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ଶହୀଦ ପରିବାରର ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏସଓଜି କମାଣ୍ଡାଣ୍ଟ ଆଶିଷ କୁମାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉତ୍କଳ ରଞ୍ଜନ ଦାସ, କୋରାପୁଟ ଏସଡିପିଓ କେ.ଜେ ରେଡ୍ଡୀ, ଟାଉନ ଥାନା ଅଧିକାରୀ ପୀତବାସ ଧାରୁଆଙ୍କ ସମେତ ପ୍ରଥମ ଆଇଆରବି, ସପ୍ତମ ସ୍ୱତନ୍ତ୍ର ଆଇଆରବି ବାଟାଲିଅନ, ଓଏସଏପି ତୃତୀୟ ବାଟାଲିଅନର କମାଣ୍ଡାଣ୍ଟ, ପୋଲିସର ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଶହୀଦଙ୍କୁ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।

## କର୍କଟ ରୋଗ ପରାମର୍ଶ ଶିବିର

ଜୟପୁର,୨୧।୧୦ (ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ଜିଲା ଚିକିତ୍ସାଳୟ ପକ୍ଷରୁ ସୋମବାର ଦିନିକିଆ କର୍କଟ ରୋଗ ପରାମର୍ଶ ଶିବିର ସ୍ଥାନୀୟ ପୁରାତନ ଉପଖଣ୍ଡ ଚିକିତ୍ସାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ରୋଗ କଲ୍ୟାଣ ସମିତି ଦ୍ୱାରା ଆୟୋଜିତ ଏହି ଶିବିରରେ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁର ଜିଲାର ୬୭ ଜଣ କର୍କଟ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏଥିରେ ମୁଖ୍ୟତଃ ମୁଖ, ରକ୍ତ, ସ୍ତନ, ପେଟ ପ୍ରଭୃତି କର୍କଟ ରୋଗର ଚିକିତ୍ସା ନିମନ୍ତେ ପରାମର୍ଶ ଦିଆଯାଇଥିଲା । ଏଥିରେ ମୁଖ୍ୟ ବିଶେଷଜ୍ଞ ଭାବେ ବମ୍ବେ ଏସିଆନ କର୍କଟ ରୋଗ ପ୍ରତିଷ୍ଠାନର ବରିଷ୍ଠ ଡ . ଦିନେଶ ପାଣ୍ଡାରକର, ରାଜ୍ୟ କର୍କଟ ରୋଗ ପରୀକ୍ଷଣ କେନ୍ଦ୍ରର ଡା. ନିରଞ୍ଜନ ଦାସ, ଏଡିଏମଓ ଡା. ଅରୁଣ ପାଢୀ, ଜିଲା ଚିକିତ୍ସାଳୟର ବିଶେଷଜ୍ଞ ଡା. ଐଶ୍ୱର୍ଯ୍ୟ କୁମାର ପୃଷ୍ଟି, ଜିଲା ଚିକିତ୍ସାଳୟର ଅଧୀକ୍ଷକ ପ୍ରମୋଦ ସାମନ୍ତରାୟ, ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା. ସସ୍ମିତା ଦାଶ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ପରାମର୍ଶ ଦେଇଥିଲେ । ଏହି ଶିବିରକୁ ଜିଲା ଚିକିତ୍ସାଳୟ କାଉନସିଲର ସମୀକ୍ଷା ସାହୁ, ଶ୍ୟାମସୁନ୍ଦର ବିଶ୍ୱାଳ, ନର୍ସ ଏନ, ସ୍ମିତାରେଖା ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଗତି ଅନୁଷ୍ଠାନ ସମ୍ମାନିତ



ପ୍ରଗତୀ ଅନୁଷ୍ଠାନର ସମ୍ପାଦକ ପ୍ରଭାକର ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି ।

କୋରାପୁଟ,୨୧।୧୦(ସ୍ୱ.ପ୍ର)

ବିଶ୍ୱ ଖାଦ୍ୟ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ କୃଷକଭବନଠାରେ ଆୟୋଜିତ ପୁଷ୍ଟିଯୁକ୍ତ ଶସ୍ୟ ସଂକ୍ରାନ୍ତୀୟ ଜାତୀୟ କର୍ମଶାଳାରେ କୋରାପୁଟର ପ୍ରଗତି ଅନୁଷ୍ଠାନ ସମ୍ମାନୀତ ହୋଇଛି। ଏଥିରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୋରାପୁଟର ପ୍ରଗତୀ ଅନୁଷ୍ଠାନର ସମ୍ପାଦକ ପ୍ରଭାକର ଅଧିକାରୀଙ୍କୁ ପ୍ରମାଣପତ୍ର, ଉପଢୌକନ, ସ୍ମୃତିଚିହ୍ନ ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି ଅବସରରେ ଖାଦ୍ୟ ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ର, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମୁଖ୍ୟ ଶାସନ ସଚିବ ସୌରଭ ଗର୍ଗ, ମିଲେଟ ମିଶନ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର, ଇକ୍ରିସାଟର ନିର୍ଦ୍ଦେଶକ ଡ. ଅରବିନ୍ଦ ପାଢୀ, ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନର ପ୍ରତିନିଧି ଟୋମିଓ ସିଚିଲି, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, ଆଇସିଏଆର ମିଲେଟ ଗବେଷଣା କେନ୍ଦ୍ର ହାଇଦ୍ରାବାଦର ନିର୍ଦ୍ଦେଶକ ବିଲାସ ଟେନାଦି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଘନ ପ୍ରଣାଳୀରେ କୋରାପୁଟ ଜିଲାର ନନ୍ଦପୁର, କୋରାପୁଟ, କୋଟପାଡ, ବୋରିଗୁମ୍ମା, ଲମତାପୁଟ ର ୫୩୦୦ ଚାଷୀଙ୍କ ଖାଦ୍ୟ ଓ ପୌଷ୍ଟିକ ନିରାପତ୍ତା ତଥା ସୁନିଶ୍ଚିତ କରିବା ତଥା ଓଡିଶା ମିଲେଟ ମିଶନ ମାଧ୍ୟମରେ ବିକ୍ରିବଟା ନିମନ୍ତେ କୃଷକମାନଙ୍କୁ ସହାୟତା କରିଥିବା ଯୋଗୁ ଏହି ଅନୁଷ୍ଠାନ ସମ୍ମାନିତ ହୋଇଛି। କର୍ମଶାଳାରେ ପ୍ରଗତୀ ଅନୁଷ୍ଠାନର ସମ୍ପାଦକ ଅଧିକାରୀ ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷର ଅଭିଜ୍ଞତା, କୃଷକମାନଙ୍କ ସମସ୍ୟା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଉପସ୍ଥାପନା କରିଥିଲେ । ଏହାକୁ କୃଷି ଓ ଖାଦ୍ୟ ଉତ୍ପାଦନ ବିଭାଗ ନିର୍ଦ୍ଦେଶକ ଏମ ମୁଥୁକୁମାର ସଂଯୋଜନା କରିଥିଲେ।

## ୪ କବିତା ପୁସ୍ତକ ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

କୁନ୍ଦୁରା,୨୧।୧୦(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରାସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ସଭାଗୃହରେ ୪ଟି କବିତା ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷା ରୀତା କରଣଙ୍କ ଲିଖିତ କବିତା 'ପୁରୁଷମୁକ୍ତ' ଏବଂ ବିପ୍ଳବୀ କବି ବିଜୟ ଉପାଧ୍ୟାୟଙ୍କ ରଚିତ ଆହାଃ ଶାନ୍ତି, ବସୁନ୍ଧରା ମାଟି ଓ ଭଲପାଇବାର ପଦାବଳୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏହି ଉତ୍ସବରେ ବିଶିଷ୍ଟ ଗବେଷକ ଡ. ରାଜେନ୍ଦ୍ର ପାଢ଼ୀ ସଭାପତିତ୍ୱ କରିଥିଲେ। କବି ସୁବାସ ଚନ୍ଦ୍ର ମିଶ୍ର, ଡ. ପ୍ରଦୀପ କୁମାର ମିଶ୍ର, ଡ. ବାସନ୍ତୀ ମହାନ୍ତି ଓ ଅଧ୍ୟାପକ ହୃଦୟରଞ୍ଜନ ପଣ୍ଡା ଯୋଗଦେଇ ପୁସ୍ତକଗୁଡିକର ଆଲୋଚନା କରି କବିତାର ଆତ୍ମିକ ଓ ଆଙ୍ଗିକ ଦିଗ ଉପରେ ଆଲୋକପାତ କରିଥିଲେ । ପୁସ୍ତକଗୁଡିକର ପ୍ରକାଶକ ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ତଥା ସାହିତ୍ୟିକ କାଳୀପଦ ପଣ୍ଡା ଯୋଗଦେଇ ସମ୍ପ୍ରତି ଓଡ଼ିଆ କବିତା ଜନପ୍ରିୟତା ହରାଉଥିବା ବେଳେ ଏହି ୪ଟି ପୁସ୍ତକରେ ସ୍ଥାନୀତ କବିତାଗୁଡିକ ଖୁବ୍ ପ୍ରାଣସ୍ପର୍ଶୀ ଓ ସାମାଜିକ ଜୀବନର ବାସ୍ତବ ଚିତ୍ରକୁ ପ୍ରତିଫଳିତ କରୁଥିବାରୁ ଏହା ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି କହିଥିଲେ । ଅଧ୍ୟାପକ ଈଶ୍ୱର କୁମାର ଲେଙ୍କା ମଞ୍ଚ ଆହ୍ୱାନ କରିଥିଲେ । ଶିକ୍ଷାବିତ୍ ପଞ୍ଚାନନ ଗୌଡ଼, ବୃନ୍ଦାବନ ପାତ୍ର, ନାଟ୍ୟକାର ନରେନ୍ଦ୍ର ନାଥ ପଟ୍ଟନାୟକ ଓ ଉଦୟଶଙ୍କର ଜାନି ପୁସ୍ତକଗୁଡିକର ଉନ୍ମୋଚନ କରିଥିଲେ। ଉନ୍ମୋଚିତ ପୁସ୍ତକଗୁଡିକରୁ ଜଳଧର ସ୍ୱାଇଁ, ପ୍ରେମଚାନ୍ଦ ପଟ୍ଟନାୟକ, ସବିତା ଶତପଥି, କନକଲତା ମହାକୁଡ଼, ଭାଗ୍ୟଲତା ପାଣିଗ୍ରାହୀ, ଟି. ଜଗଦିଶ୍ୱରୀ, ଦୁର୍ଗାମାଧବ ଦାଶ, ସରିତା ଶତପଥୀ, ଚନ୍ଦ୍ରମଣି ବାରିକ ଓ ରବିଶଙ୍କର ପ୍ରଧାନ କବିତା ପାଠ କରିଥିଲେ। ଶେଷରେ କବି ସୁଧୀର କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ସାହିତ୍ୟିକ ଯୋଗ ଦେଇଥିଲେ ।

■ ବିଡିଓଙ୍କ ଆନ୍ଧ୍ର ସୀମାନ୍ତ ଗ୍ରାମ ଗସ୍ତ

# ପରଖିଲେ ଉନ୍ନୟନ କାର୍ଯ୍ୟ, ବୁଝିଲେ ସମସ୍ୟା

ପଟ୍ଟାଙ୍ଗି,୨୧।୧୦(ଡି.ଏନ.ଏ)



ବିଡ଼ିଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ପଟ୍ଟାଙ୍ଗି ବ୍ଲକ ରାଲେଗଡା ପଞ୍ଚାୟତ ତଥା ଆନ୍ଧ୍ର ସୀମାନ୍ତ ଗ୍ରାମକୁ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କରୁଣା କର ପ୍ରଧାନ ଗସ୍ତ କରିଛନ୍ତି । ଗ୍ରାମଗୁଡ଼ିକରେ ଉନ୍ନୟନ କାମ କିପରି ଚାଲିଛି ପରଖିବା ସହ ଗ୍ରାମବାସୀଙ୍କ ସମସ୍ୟା ପଚାରି ବୁଝିଥିଲେ। ଉକ୍ତ ପଞ୍ଚାୟତ ସଦର ମହକୁମା ତଥା ୨୬ ନଂ ଜାତୀୟ ରାଜପଥଠାରୁ ଯାଇଥିବା ମାଟି ରାସ୍ତା ମରାମତି ନେଇ ଗ୍ରାମବାସୀ କିଛି ଦିନ ପୂର୍ବେ ବିଡ଼ିଓ ପ୍ରଧାନଙ୍କୁ ଭେଟି ଏକ ଦାବିପତ୍ର ଦେଇଥିଲେ । ସମସ୍ୟା ସମାଧାନ କରା ନ ଗଲେ ଆନ୍ଧ୍ରରେ ମିଶିବୁ ବୋଲି ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ରାଲେଗଡା ପଞ୍ଚାୟତର କର୍ତ୍ତାଲବା, ଜାମୁଗୁଡା, ମେଟାବେରା, ବାଇଲିପାଡୁ, ଗୁଞ୍ଜୋଲପାଡୁ, ଇତାବାଲସା, ଗାଡିବାଲସା, ମେଟାବାଲସା, ସିଡିବାଲସା, ଟୁଡୁକୁପାଡୁ, ସୁଙ୍କି ପଞ୍ଚାୟତର ଟୋଟାବାଲସା ଗ୍ରାମବାସୀ ଚେତାବନୀ ଦେଇଥିଲେ। ବର୍ତ୍ତମାନ ବିଡ଼ିଓ ପ୍ରଧାନ ଉକ୍ତ ଗ୍ରାମକୁ ଯାଇଥିବା ବେଳେ ଗ୍ରାମବାସୀ ବିପର୍ଯ୍ୟସ୍ତ ହୋଇ ପଡି ରହିଥିବା ରାଲେଗଡା ପଞ୍ଚାୟତ ସଦର ମହକୁମାଠାରୁ ଟୋଟାମାଉଡି ଗ୍ରାମ ପର୍ଯ୍ୟନ୍ତ ରାସ୍ତାକୁ ପିଚୁ କରିବାକୁ ଦାବି କରିଥିଲେ । ଉକ୍ତ ରାସ୍ତା ନିର୍ମାଣ କରାଗଲେ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ହେବ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ । ଏଠାରେ ମୁଖ୍ୟ ସମସ୍ୟା ରାସ୍ତା । ତେଣୁ ଏହା କିପରି ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନା ମାଧ୍ୟମରେ ନିର୍ମାଣ କରାଯିବ ସେନେଇ ପଞ୍ଚାୟତର ଯନ୍ତ୍ରୀଙ୍କ ସହ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ । କିନ୍ତୁ ଆରଡି ବିଭାଗ ପକ୍ଷରୁ ପିଚୁ ରାସ୍ତା ନିର୍ମାଣ କରାଯାଇ ପାରିବ ବୋଲି ବିଡ଼ିଓ ପ୍ରକାଶ କରିଥିଲେ । ବିଡ଼ିଓଙ୍କ ଏହି ଗସ୍ତ ସମୟରେ ବ୍ଲକର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର କେସପଟା , ପଞ୍ଚାୟତ ଯନ୍ତ୍ରୀ ରଞ୍ଜିତ ଖୋସ୍ଲା , ଏପିଓ ସୌମେନ୍ଦ୍ର ନାୟକ ଏବଂ ଜିଆର୍‌ଏସ୍ ଶିବଶଙ୍କର ପାତ୍ର, ପିଇଓ ତିଲକ ଖେମୁଡୁ ପ୍ରମୁଖ ଉପସ୍ଥିତ ଥିଲେ । ଏଠାରେ ସୂଚନା ଥାଉ କି, ଉପରୋକ୍ତ ରାସ୍ତାର ଇତାବାଲସା ଏବଂ ଗୁଞ୍ଜୋଲପାଡୁ ଦୁଇ ଗ୍ରାମ ମଝିରେ ଗୋଟିଏ ବ୍ରିଜ ଆବଶ୍ୟକ ପଡୁଛି । ସେହିପରି ଅନ୍ୟ ଏକ ବ୍ରିଜ ବାଇଲିପାଡୁ ଗ୍ରାମ ନିକଟରେ ପଡୁଥିବା ବେଳେ ଗାଡିବାଲସା ଗ୍ରାମ ଠାରୁ ମାତ୍ର ୦୨ କିଲୋମିଟର ଦୂରରେ ଆନ୍ଧ୍ରର ଡେମସାରାଇଗୁଡା ଏବଂ କୁରୁକୁଟି ଦୁଇ ପଞ୍ଚାୟତ ରହିଛି ।

## ସଂକ୍ଷେପରେ

### ବଜ୍ରପାତରେ ଜଣେ ମୃତ

ଉମରକୋଟ/ଧୋଡ୍ରା, ୨୧।୧୦ (ଡି.ଏନ.ଏ)-ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚାଟିଗୁଡାରେ ରବିବାର ରାତିରେ ବଜ୍ରପାତରେ ଜଣଙ୍କ ମୃତ୍ୟୁଘଟିଛି। ମୃତକ ଜଣକ କୁମୁଟି ଭତ୍ରା(୪୫)। ସେ ଘରେ ଥିବା ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ସେ ଅଚେତ ହୋଇ ପଡିଥିଲେ। ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। କୁମୁଟିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଡାବୁଗାଁ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଶହୀଦ ମିନାର ପରିଦର୍ଶନ କଲେ ମୁନ୍ନା ଖାଁ



ପାପଡାହାଣ୍ଡି, ୨୧।୧୦ (ଡି.ଏନ.ଏ)-ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକକୁ ସୋମବାର ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟା ଲଘୁ ଉନ୍ନୟନ ବିଭାଗ ଉପଦେଷ୍ଟା ମୁନ୍ନା ଖାଁ ଗସ୍ତ କରିଥିଲେ । ସ୍ଥାନୀୟ ସହିଦ ମିନାର ଯାଇ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ସ୍ୱାଧୀନତାରେ ପ୍ରାଣ ବଳି ଦେଇଥିବା ସହୀଦଙ୍କୁ ମନେ ପକାଇବା ସହ ଏହାର ପରିସର କିପରି ଉନ୍ନତି ହୋଇପାରିବ ସେ ନେଇ ଆଲୋଚନା କରିଥିଲେ । ବ୍ଲକ ସହୀଦ ସ୍ମୃତି କମିଟିର ସଭାପତି ସୋମନାଥ ବିଶୋଇ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ, ତ୍ରିଲୋଚନ ପଣ୍ଡା, ଅବଦୁଲ ତାୟୁଧିନ, ସୁକେଶ ବେହେରା, ଟୁଟୁ ବିଶୋଇ, ରାଜେଶ ନାୟକ ସହ ବ୍ଲକର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

### ଏସସିଏସଟି କଲ୍ୟାଣ ବିଭାଗ ଉପଦେଷ୍ଟାଙ୍କ ବିଦ୍ୟାଳୟ ପରିଦର୍ଶନ

ଡାବୁଗାଁ, ୨୧।୧୦(ଡି.ଏନ.ଏ.)ଜିଲା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟକୁ ଅନୁସୂଚିତ ଜାତି,ଜନଜାତି ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗର ଉପଦେଷ୍ଟା (ରାଷ୍ଟ୍ରମନ୍ତ୍ରୀ ପାହ୍ୟା) ମୁନ୍ନା ଖାଁ ସୋମବାର ପରିଦର୍ଶନ କରିଛନ୍ତି। ବିଦ୍ୟାଳୟର ଶ୍ରେଣୀ କକ୍ଷ, ଛାତ୍ରୀମାନଙ୍କ ଫୁଲ ଓ ଫଳ ବଗିଚା, ଭଣ୍ଡାର ଗୃହ, ସମବାୟ ଭଣ୍ଡାର, ଛାତ୍ରୀ ମାନଙ୍କ ଦ୍ୱାରା ବିସ୍କୁଟ ଓ ଚକୋଲେଟ ଜରିରେ ତିଆରି ବିଭିନ୍ନ ଘର ସଜା ସାମଗ୍ରୀ ମୁନ୍ନା ଖାଁ ଦେଖିବା ସହ ବିଦ୍ୟାଳୟର ନୂତନ ଗୃହ ପରିଦର୍ଶନ କରିଥିଲେ । ଏହାପରେ ଛାତ୍ରୀ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏଥି ସହ ଛାତ୍ରୀମାନଙ୍କ ଦ୍ୱାରା ପରିବେଷଣ ଏକ ଦଳଗତ ନୃତ୍ୟ ଦେଖିଥିଲେ । ଉକ୍ତ ନୃତ୍ୟରେ ଖୁସି ହୋଇ ଛାତ୍ରୀ ମାନଙ୍କୁ ୧୦୦୦ ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ଏହି ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟ ବୋଲି ମତ ଦେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଧନ୍ୟବାଦ ଦେଇଥିଲେ । ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁଙ୍କ ସମୟରେ ସମସ୍ତ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ ।

■ ପୋଲିସ ଶହୀଦ ସ୍ମୃତି ଦିବସ

# ଶହୀଦ ଚିରସ୍ମରଣୀୟ : ଏସପି



ଶହୀଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦିଆଯାଉଛି।

ନବରଙ୍ଗପୁର,୨୧।୧୦(ବି.ପ୍ର.)

ନବରଙ୍ଗପୁର ପୋଲିସ ରିଜର୍ଭ ପଡିଆ ଠାରେ ୬୦ ତମ ପୋଲିସ ଶହୀଦ ସ୍ମୃତି ଦିବସ ପାଳିତ ହୋଇ ଯାଇଛି । ଏସପି ନିତିନ କୁସଲକର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶହୀଦ ଚୀର ସ୍ମରଣୀୟ ବୋଲି କହିଥିଲେ । ଏହି ଅବସରରେ ପରେଡ ଅଭିବାଦନ ଗ୍ରହଣ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଏସପି ପାଠ କରିଥିଲେ । ଶହୀଦଙ୍କ ଉଦ୍ଦେଶ୍ୟରେ ନିର୍ମିତ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ମୃତି ଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଜଜ୍ ଅଶୋକ କୁମାର ପଣ୍ଡା, ଜିଲାପାଳ ଅଜିତ କୁମାର ମିଶ୍ର, ଡିଏଫଓ, ବିଏସଏଫର କମାଣ୍ଡାଣ୍ଟ, ସୁବେଦାର ମେଜର, ଅବକାରୀ ଅଧିକ୍ଷକ ପ୍ରଦୀପ ପଟ୍ଟନାୟକ, ଅତିରିକ୍ତଏସପି ଓ ନବରଙ୍ଗପୁର, ଉମରକୋଟର ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## କଲାର ସମାଜ ପକ୍ଷରୁ ବୈଠକ

ଉମରକୋଟ,୨୧।୧୦(ଡି.ଏନ.ଏ)

ନବରଙ୍ଗପୁର ଜିଲା କଲାର ସମାଜ ତରଫରୁ ଏକ ବୈଠକ କଲାର ସମାଜର ଜିଲା ଉପସଭାପତି ଅନୀରୁଦ୍ଧ ନାୟକଙ୍କ ବାସଗୃହ ପରିସରରେ ସୋମବାର ଅନୁଷ୍ଠିତ ହୋଇଥିଲା। କଲାର ସମାଜର ଜିଲା ସଭାପତି ପଦ୍ମନାଭ ପାଣ୍ଡେ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ କଲାର ସମାଜର ଇଷ୍ଟ ଦେବ ସହସ୍ରବାହୁ ଅର୍ଜୁନଙ୍କ ଜନ୍ମବାର୍ଷିକ ପାଳନ ନିମନ୍ତେ ଆଲୋଚନା ହୋଇଥିଲା। ଆସନ୍ତା ନଭେମ୍ବର ୩ ତାରିଖରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ସମାଜର ସାଧାରଣ ସମ୍ପାଦକ କାର୍ଯ୍ୟକ୍ରମରେ ରୂପରେଖ ଉପସ୍ଥାପନ କରିଥିଲେ। ଏଥିରେ ଜିଲା କଲାର ସମାଜର ସହସମ୍ପାଦକ ତ୍ରିଲୋଚନ ପାଣ୍ଡେ, ଜିଲା କମିଟି ସଭ୍ୟ ଗୋବିନ୍ଦ ମାଝି, ଉମରକୋଟ ବ୍ଲକ ସଭାପତି ସଭାପତି ଜିତୁରାମ ସେଠିଆ, ବ୍ଲକ ସମ୍ପାଦକ ପିତାମ୍ବର ବିଷୋୟୀ, ଉପସଭାପତି ଅନିରୁଦ୍ଧ ନାୟକ, ଜିଲା ସଭାପତି ପଦ୍ମନାଭ ପାଣ୍ଡେ ଉପସ୍ଥିତ ଥିଲେ।



ରାଜ୍ୟପାଳଙ୍କ ଗସ୍ତ ପୂର୍ବରୁ ନବରଙ୍ଗପୁର ଥାନାରେ ପୋଲିସ ଅଫିସର ଓ ସୁରକ୍ଷା କର୍ମଚାରୀ।

## ଆଜି ନବରଙ୍ଗପୁର ଆସୁଛନ୍ତି ରାଜ୍ୟପାଳ

ନବରଙ୍ଗପୁର,୨୧।୧୦(ବି.ପ୍ର.)–

ଓଡିଶାର ରାଜ୍ୟପାଳ ଗଣେଶୀ ଲାଲ ମଙ୍ଗଳବାର ନବରଙ୍ଗପୁର ଜିଲା ଗସ୍ତରେ ଆସୁଛନ୍ତି। ନବରଙ୍ଗପୁର ବ୍ଲକ ଅଗ୍ନିପୁର ପଞ୍ଚାୟତ ଅଧୀନ ହିର୍ଲି ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକୁ ମଙ୍ଗଲମ ଟିମ୍ବର ରାସ୍ତା ଦେଇ ରାଜ୍ୟପାଳ ଯିବେ । ପୂର୍ବାହ୍ନ ୧୦ରୁ ୧୧ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ସହ ଭାବବିନିମୟ କାର୍ଯ୍ୟକ୍ରମ ରହିଛି । ଏନେଇ ବିଦ୍ୟାଳୟରେ ପରିସରରେ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ । ସୁରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଏସପି ନିତିନ କୁସାଲକରଙ୍କ ସମେତ ଜଣେ ଅତିରିକ୍ତ ଏସପି, ୩ ଜଣ ଡିଏସପି, ୭ ଜଣ ଇନ୍ସପେକ୍ଟର, ୧୪ ଜଣ ଏସଆଇ, ୭ ଜଣ ଏଏସଆଇ , ୩ ଜଣ ହାବିଲଦାର, ୩୦ ଜଣ ଓଡିଶା କନଷ୍ଟେବଲ ଓ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ପାଇଁ ବ୍ୟବସ୍ଥା କରାଯାଇଛି ।

■ କର୍କଟ ରୋଗ ପରୀକ୍ଷଣ ଶିବିର

## ୪୧ କର୍କଟ ରୋଗୀଙ୍କୁ ଦିଆଗଲା ପରାମର୍ଶ



ଶିବିରରେ ଡାକ୍ତର ଦିନେଶ ପେନ୍ଦରକର, ଜିଲାପାଳ ଓ ସ୍ୱାସ୍ଥ୍ୟବିଭାଗର ଅଧିକାରୀମାନେ।

ନବରଙ୍ଗପୁର,୨୧।୧୦(ବି.ପ୍ର.

ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ କର୍କଟ ରୋଗ ପରାମର୍ଶ ଶିବିର ସୋମବାର ଅନୁଷ୍ଠିତ ହୋଇ ଯାଇଛି । ମୁମ୍ବାଇ ଏସିଆନ ଇନଷ୍ଟିଚ୍ୟୁଟ ଅଫ କ୍ୟାନସର ସଂସ୍ଥାର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ଦିନେଶ ପେନ୍ଦରକର ୪୧ ଜଣ କର୍କଟ ରୋଗୀଙ୍କୁ ଚିକିତ୍ସା କେଉଁ ସ୍ଥାନରେ ଚିକିତ୍ସା କରାଇବେ ତହାର ପରାମର୍ଶ ଦେଇଥିଲେ । ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସାଳୟ କଟକକୁ ୯ ଜଣ ରୋଗୀଙ୍କୁ ପଠାଯିବାକୁ ପରାମର୍ଶ ଦେଇଥିଲେ । ୧୧ ଜଣ ରୋଗୀଙ୍କ କେମୋଥେରୋପି ଦିଆଯିବାକୁ କହିଥିଲେ । ପରୀକ୍ଷଣ ଓ ନିର୍ଦ୍ଧାରଣ ପାଇଁ ୨୧ ଜଣଙ୍କୁ ପରାମର୍ଶ ଦେଇଥିଲେ । ୨୩ ଜଣ ପୁରୁଷ ଓ ୧୪ ଜଣ ମହିଳା କର୍କଟ ରୋଗୀ ଶିବିରକୁ ଆସିଥିଲେ । ଏହି ଶିବିରରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ସମେତ ଡାକ୍ତର ନିରଞ୍ଜନ ଦାଶ, ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସ୍ୱାଇଁ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ(ମେଡିକାଲ) ଡାକ୍ତର ଭିଜୟ କୁମାର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଅଧିକାରୀ ଚୌଧୁରୀ ଶୋଭାରାଣୀ ମିଶ୍ର, ଡାକ୍ତର ଦେବବ୍ରତ ଡାକୁଆ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ କୁମାର ପ୍ରହରାଜ, କାଉନ୍ସିଲର ସୁରେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ



ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

ଡାବୁଗାଁ, ୨୧।୧୦(ଡି.ଏନ.ଏ.)

ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁବାବୁ ପେନସନ ଯୋଜନାରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମୋଟ ୪୯ ଜଣଙ୍କୁ ୨ ମାସର ୧୦୦୦ ଲେଖାଏଁ ପ୍ରଦାନ କରାଯାଇଥିଲା। ଏଥିରେ ରାଜ୍ୟ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗର ଉପଦେଷ୍ଟା (ରାଷ୍ଟ୍ରମନ୍ତ୍ରୀ ପାହ୍ୟା) ମୁନ୍ନା ଖାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରିଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ଲକ ଅଧ୍ୟକ୍ଷ ବଂଶୀଧର ମାଝୀ, ଏବିଡିଓ ପଦ୍ମନାଭ ତ୍ରିପାଠୀ, ଏମ. ଆପ୍ପା ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଅତନୁ ଦେଉରୀ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ହିତାଧିକାରୀ ଉପସ୍ଥିତ ଥିଲେ । ଅମୂଲ୍ୟ ଦଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଚନ୍ଦାହାଣ୍ଡି,୨୧।୧୦(ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାଗୃହ ପ୍ରକୋଷ୍ଠରେ ନବରଙ୍ଗପୁର ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ମୋଟ ୨୧ଟି ଅଭିଯୋଗର ଶୁଣାଣି ହୋଇଥିଲା । ଗମ୍ଭାରିଗୁଡା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଜାଲିଆତି ହୋଇଥିବା ଆଇନଜୀବୀ କ୍ଷେମରାଜ ବାଘ ଅଭିଯୋଗ କରିଥିଲେ। ତୁରନ୍ତ ତଦନ୍ତ କରି ଏହାର ଫଇସଲା କରିବା ପାଇଁ ଜିଲା ପ୍ରକଳ୍ପ ଅଧିକାରୀ ରମାକାନ୍ତ ନାୟକଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ମୋତିଗାଁ ଗ୍ରାମର ଲୁଧିଆ ବେଶ୍ରାଙ୍କ ପଟ୍ଟା ଜମିରେ ପାଇପ ପାନୀୟ ଜଳଯୋଗାଣ ପ୍ରକଳ୍ପ ଜୋରଜବରଦସ୍ତ ନିର୍ମାଣ କରାଯାଇଥିଲେ ହେଁ ସେ ଏ ନେଇ ବାରମ୍ବାର ବ୍ଲକ ଓ ତହସିଲ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ମଧ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ କରିଥିଲେ। ଏ ନେଇ ଜିଲାପାଳ ତହସିଲଦାରଙ୍କୁ ପଚାରିବାରୁ ତାହା ସରକାରୀ ଜମି ବୋଲି କହିଥିଲେ। ଅଭିଯୋଗକାରୀଙ୍କୁ କୋର୍ଟକୁ ଯିବାକୁ ଜିଲାପାଳ କହିଥିଲେ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଏପର୍ଯ୍ୟନ୍ତ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇ ନଥିବା ନେଇ ବ୍ଲକ ଅଧ୍ୟକ୍ଷ ଟିକମ ସିଂ ନାୟକ ଅଭିଯୋଗ କରିଥିଲେ। ସପ୍ତାହ ମଧ୍ୟରେ ଚାଷୀଙ୍କୁ କ୍ଷତିପୂରଣ ରାଶି ଓ ବୀମା ରାଶି ପ୍ରଦାନ କରିବା ସକାଶେ ତତ୍ପର ହେବାକୁ ତହସିଲଦାର ଓ କୃଷି ବିଭାଗ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହେନ୍ଦ୍ର ବିଡିକା, ଡିଏଫଓ ରଞ୍ଜିତ କୁମାର ମଲ୍ଲିକ, ଉପଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ଉମରକୋଟ ଏସଡିପିଓ ହେମନ୍ତ କୁମାର ପାଢୀ, ତହସିଲଦାର ହୃଦାନନ୍ଦ ସିଂ ମାଝି, ବିଇଓ ଭଜନଲାଲ ମାଝି, ସହକାରୀ ଯନ୍ତ୍ରୀ ମନୋରଞ୍ଜନ ଦାଶଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ



ଗଜଲକ୍ଷ୍ମୀ ମୃଣ୍ମୟୀ ମୂର୍ତ୍ତିଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଡାବୁଗାଁ, ୨୧।୧୦ (ଡି.ଏନ.ଏ.)

ଡାବୁଗାଁ ବ୍ଲକର କୋଇଲାରୀ ପଞ୍ଚାୟତ ଅଧୀନ ସରାଗୁଡା ଗ୍ରାମରେ ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଛି । ମା' ଗଜଲକ୍ଷ୍ମୀଙ୍କ ମୂର୍ତ୍ତିକୁ ପୂଜା ମଣ୍ଡପରୁ ଆଣି ବାଜା, ବାଣ ସହ ନୃତ୍ୟ ଗୀତରେ ଏକ ବିରାଟ ଶୋଭାଯାତ୍ରାରେ ନେଇ ଗ୍ରାମ ପରିକ୍ରମା କରାଯାଇଥିଲା । ପରେ ମା'ଙ୍କୁ ନଦୀରେ ବିସର୍ଜନ କରାଯାଇଥିଲା। ଏହି ଭସାଣି କାର୍ଯ୍ୟକ୍ରମକୁ ଜଗଦୀଶ ମାଝୀ, ପୁରନ ମାଝୀ, କପୁରଚନ୍ଦ ମାଝୀ, ମନବୋଧ ମାଝୀ, ସୁକଦେବ ମାଝୀ, ଦୁର୍ଯ୍ୟୋଧନ ମାଝୀ, ବାସୁଦେବ ମାଝୀ, ବଳରାମ ପନକା, କୈଳାସ ମାଝୀ, ରାଜାରାମ ପୂଜାରୀ, ଦଳପତି ମାଝୀ ଓ ଅନ୍ୟମାନେ ପରିଚାଳନା କରିଥିଲେ। ମେଲାଣି ଦେବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

## ମାନସିକ ସୁସ୍ଥତା, ଏକାଗ୍ରତା ପାଇଁ ଯୋଗ ଜରୁରୀ

ତେନ୍ତୁଳିଖୁଣ୍ଟି,୨୧।୧୦(ଡି.ଏନ.ଏ)



ସ୍ୱାମିଜୀ ପ୍ରବଚନ ଦେଉଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ଗୋପାଳ ଶ୍ରୀକ୍ଷେତ୍ର ପ୍ରାଙ୍ଗଣରେ ଆୟୋଜିତ ୩ ଦିନିଆ ଯୋଗ ଓ ସାଧନା ଶିବିର ରବିବାର ଉଦଯାପିତ ହୋଇଯାଇଛି। ସ୍ୱାମୀ ଧର୍ମନିଷ୍ଠାନନ୍ଦ ସରସ୍ୱତୀଙ୍କ ଦ୍ୱାରା ସ୍ୱାମୀ ଶିବାନନ୍ଦ ସରସ୍ୱତୀ ଓ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ଫଟୋରେ ପୁଷ୍ପମାଲ୍ୟ ଓ ପ୍ରଦୀପ ପ୍ରଜ୍ୱଳନ ସହ ଶିବିର ଆରମ୍ଭ ହୋଇଥିଲା। ଏଥିରେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ସ୍ୱାମୀ ପରମ ପ୍ରିୟାନନ୍ଦ ସରସ୍ୱତୀ ଓ ବ୍ରହ୍ମଚାରୀ ବାସୁଦେବ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାତଃ ଅଧିବେଶନରେ ସ୍ୱାମୀ ଧର୍ମ ନିଷ୍ଠାନନ୍ଦ ସରସ୍ୱତୀ ଯୋଗ ଓ ପ୍ରାଣାୟମ ଦ୍ୱାରା କଣ ଫାଇଦା ହୋଇଥାଏ ତାହା ବୁଝାଇଥିଲେ। ମାନସିକ ସୁସ୍ଥତା, ସଠିକ ରକ୍ତ ସଞ୍ଚାଳନ ଓ ଏକାଗ୍ରତା ରକ୍ଷାରେ କେଉଁ ଯୋଗ କାମରେ ଆସିଥାଏ ତାହା ବୁଝାଇବା ସହ ଯୋଗାଭ୍ୟାସ କରାଇଥିଲେ। ଲୋକମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ସ୍ୱାମୀଜୀମାନେ ଦେଇଥିଲେ। ସେହିପରି ସାନ୍ଧ୍ୟ ଅଧିବେଶନରେ ସ୍ୱାତ୍ତିକ ଆହାର କିଭଳି ସତ୍ତ୍ୱିକ ଚିନ୍ତାଧାରର ସୃଷ୍ଟିକାରୀ ତାହା ବୁଝାଇଥିଲେ। ସାଧୁସନ୍ଥଙ୍କ ବାଣୀ ଅନୁସାରେ ଜୀବନଯାପନରେ ପରିବର୍ତ୍ତନ ଆଣିବାକୁ ଆହ୍ୱାନ ଦେଇଥିଲେ। ଜପ,ଧ୍ୟାନ. ପ୍ରାର୍ଥନା, ପ୍ରାଣାୟମ ଆଦି ୪ଟି ଅଧିବେଶନ କରାଯାଇଥିଲା। କୃଷ୍ଣ ଦାସ, କଲ୍ୟାଣୀ ଦାସ, ବିଜୟ ପଣ୍ଡା, ଅଜିତ କୁମାର ମାନ୍ଧାତା, ବିଜୟ ପାଣିଗ୍ରାହୀ, ଅଗସ୍ତି ସାମଲ, ନରସିଂହ ପ୍ରଧାନ, ହରିବନ୍ଧୁ ପରିଡା, କୁନ୍ତଳା ପ୍ରଧାନ , ପ୍ରଭାଶଙ୍କର ପଣ୍ଡା, ପୃଥୀରାଜ ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ନୂଆଖାଇ ଭେଟଘାଟ

ଝରିଗାଁ,୨୧।୧୦(ସ୍ୱ.ପ୍ର)–



ଭେଟଘାଟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଝରିଗାଁ ବ୍ଲକ ଧାମନାଗୁଡା ପଞ୍ଚାୟତ ନାଗଯୋଡି ଗ୍ରାମରେ ଜିଲା ମୂଳ ନିବାସୀ ଅନୁସୂଚୀତ ଜାତି ସଂଘ ତରଫରୁ ନୂଆଖାଇ ଭେଟଘାଟ ଉତ୍ସବ ଅନୁଷ୍ଠିତ ହୋଇଛି। ସଂଘର ଜିଲା ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ ଏବଂ ସମ୍ମାନୀତ ଅତିଥି ଏମପିଙ୍କ ବ୍ଲକ ପ୍ରତିନିଧି ପ୍ରୀୟରଞ୍ଜନ ଦାସ, ସମ୍ପାଦକ ମୋତିରାମ ହରିଜନ,ଉପ ସଂପାଦକ ଡମ୍ବରୁ ହରିଜନ, କପୁର ଚନ୍ଦ ନାୟକ, ବିଶ୍ୱନାଥ ହରିଜନ, ପିତାମ୍ବର ଦାସ ପନକା, ପ୍ରେମଦର୍ଶନ ସୁନା, ବେଲରସନ ପୂଜାରୀ, ରବିନ୍ଦ୍ର ପନକା, ହରିହର ଦୁର୍ଗା, ଜଗବନ୍ଧୁ ମିର୍ଗାନ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ କିପରି ଅନୁସୂଚୀତ ଜାତିର ଝିଅପୁଅ ମାନେ ସରକାରଙ୍କ ସହାୟତାରେ ଗୁଣାତ୍ମକ ଶିକ୍ଷା ପାଇବା ସହ ଚାକିରି କ୍ଷେତ୍ରରେ କିପରି ସମସ୍ତ ସରକାରୀ ସୁବିଧା ପାଇପାରିବେ ସେଥିନେଇ ରାଜ୍ୟ ସରକାର ଗୁରୁତ୍ୱ ଦେବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ସେହିପରି ଲୋକଙ୍କୁ କିପରି ଜଙ୍ଗଲ ଜମି ପଟ୍ଟା ପ୍ରଦାନ ସହ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ଯୋଗାଇ ଦିଆଯିବ ସେଥିପାଇଁ ଜିଲାପାଳଙ୍କୁ ଅତିଶୀଘ୍ର ଦାବୀ ପ୍ରଦାନ କରିବା ନେଇ ସଂଘର ସଭାପତି ପ୍ରକାଶ କରିଥିଲେ। ସେହିପରି ଜିଲ୍ଲା ଏବଂ ବ୍ଲକ ସ୍ତରରେ ସଂଘ ସକାଶେ ବୈଠକ ଗୃହ ନିର୍ମାଣ କରିବା ନେଇ ସହାୟତା ସକାଶେ ସଂଘର ଜିଲ୍ଲା ସଭାପତି ବିଧାୟକଙ୍କୁ ଜଣାଇଥିଲେ। ଏହି ଅବସରରେ ଜିଲ୍ଲାର ସମସ୍ତ ବ୍ଲକରୁ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ଶିଶୁ ମହୋତ୍ସବ ସୁରଭି

ଡାବୁଗାଁ,୨୧।୧୦(ଡି.ଏନ.ଏ.)

ଡାବୁଗାଁ ବ୍ଲକ ଅଧୀନ ବୋରିପଦର ଆଶ୍ରମ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚତୁର୍ଥଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ବିଭାଗ ଏବଂ ଅଷ୍ଟମ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ବରିଷ୍ଠ ବିଭାଗରେ ବିଭିନ୍ନ ପ୍ରତିଯୋଗୀତା ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ ୧ମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ । ସଭାରେ ଅତିରିକ୍ତ ବିଇଓ ଲକ୍ଷ୍ମୀକାନ୍ତ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏଥିରେ ଚଚରାଗୁଡା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରତିକାନ୍ତ ନାୟକ, ପ୍ରଧାନଶିକ୍ଷୟିତ୍ରୀ ପ୍ରଜ୍ଞାପ୍ରଭା ରାୟ, ଟିକିଲି ବିଦ୍ୟାଳୟ ପ୍ରଧାନଶିକ୍ଷକ ମଙ୍ଗଲୁ ମୁନି ପ୍ରମୁଖ ମଞ୍ଚାସୀନ ଥିଲେ । ଶିକ୍ଷୟିତ୍ରୀ ଗିରିଶବାଳା ଜେନା, ଅନିତା ବେହେରା ଓ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଉପସ୍ଥିତ ଥିଲେ । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଧନସିଂ ଓଡ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ବୋରିଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିକାଶ ରଞ୍ଜନ ନିଶଙ୍କ ଉପସ୍ଥିତିରେ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ଦାଶ, ଶିକ୍ଷକ ହରେକୃଷ୍ଣ ବାଡତ୍ୟା, ଶ୍ରୀକାନ୍ତ ପଣ୍ଡା, ବୁଲୁ ପନକା ଓ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ।



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ତୁମ୍ଭେମାନେ ଶତ୍ରୁମାନଙ୍କୁ ପ୍ରେମ କର, ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର।
-ଯିଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଦେଶୀ ମଦ ନଷ୍ଟ କଲା ପୋଲିସ



ରାୟଗଡା ଅଫିସ, ୨୧।୧୦: ଶେଷଖାଲ ଥାନା ଅଧୀନ ମୀରାବାଲି ଗ୍ରାମର ପାହାଡିଆ ଅଂଚଳରେ ଦେଶୀ ମଦ ରନ୍ଧା ଯାଉଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ଚଢାଉ କରିଥିଲା। ସେଠାରେ ୩୦୦୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି। ଘଟଣା ସ୍ଥଳରୁ ମୀରାବାଲି ଗାଁର ରମଣୀ ବିଡ଼ିକାଙ୍କୁ ଗିରଫ କରାଯାଇଛି। ପରେ ତାଙ୍କୁ କୋର୍ଟ ଚାଲଣ କରାଯାଇଛି। ୯୩/୨୦୧୯ରେ ଶେଷଖାଲ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଥାନାଧିକାରୀ ବି.ଏଲ୍ ହୁଇକାଙ୍କ ଅଧକ୍ଷତାରେ ଏହି ଚଢାଉ କରାଯାଇଥିଲା।

### ମାନବିକତା ଦେଖାଇଲେ ସୁଧାଂଶୁ
### ଟ୍ରେନ୍‌ରୁ ପାଇଥିବା ମୋବାଇଲ୍ ଫେରାଇଲେ

ଟିକିରି, ୨୧।୧୦(ଡି.ଏନ୍.ଏ.): ଟ୍ରେନ୍‌ରୁ ପାଇଥିବା ଏକ ଦାମୀ ମୋବାଇଲ ଫେରାଇ ମାନବିକତାର ପରିଚୟ ଦେଇଛନ୍ତି ରାୟଗଡ଼ା ଜିଲା ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ ଶିକ୍ଷକ ସୁଧାଂଶୁ କୁମାର ଶତପଥୀ। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି। ପ୍ରକାଶ ଯେ, ସୁଧାଂଶୁ କିଛିଦିନ ତଳେ ଦୁର୍ଗରୁ ସତା ଏକ୍ସପ୍ରେସରେ ରାୟଗଡ଼ା ଫେରୁଥିଲେ। ବଗିରେ କେହି ନ ଥିବାବେଳେ ଏହି ସମୟରେ ଏକ ମୋବାଇଲ୍ ବାରମ୍ବାର ରିଙ୍ଗ୍ ହେଉଥିଲା। ସୁଧାଂଶୁ ଫୋନ୍ ଉଠାଇ କଥା ହୋଇଥିଲେ। ମହାରାଷ୍ଟ୍ର ପୁଣ୍ଡିଆର ଅଞ୍ଚଳର ଗୌରବ କାଟୱାନି ଉକ୍ତ ଫୋନଟିକୁ ଛାଡି ଦେଇଥିବା ସୁଧାଂଶୁ ଜାଣିବାକୁ ପାଇଥିଲେ। ପରେ ସୁଧାଂଶୁ ମୋବାଇଲ ମାଲିକ ଗୌରବଙ୍କ ଠିକଣା ଆଣି କୋରିଅର ମାଧମରେ ଫୋନ୍‌ଟିକୁ ପଠାଇ ଥିଲେ।

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

ଦଶମନ୍ତପୁର,୨୧।୧୦(ଡ଼ି.ଏନ.ଏ): ସ୍ଥାନୀୟ ଦଶମନ୍ତପୁର ବ୍ଲକ ସ୍ଥିତ ବିଇଓଙ୍କ କାର୍ଯ୍ୟାଳୟରେ ସୋମବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶମନ୍ତପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସଦାଶିବ ପ୍ରଧାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଅତିରିକ୍ତ ଶିକ୍ଷା ଅଧିକାରୀ ତରୁଣୀ ସେନ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିସହ ବିଇଓ ଅଫିସର ମୁଖ୍ୟ କିରାଣି ଗୌରୀଶଙ୍କର ଶତପଥୀଙ୍କ ସମେତ ୧୪ଟି ବିଦ୍ୟାଳୟ ଏବଂ ସେବାଶ୍ରମଗୁଡିକର ଛାତ୍ରୀଛାତ୍ର ,ଶିକ୍ଷୟିତ୍ରୀଶିକ୍ଷକ ଅଂଶ ଗ୍ରହଣ କରିଥିଲେ। ଏଥିରେ ଚିତ୍ରାଙ୍କନ, କୁଇଜ, ସୃଜନୀଶିଳ ଲିଖନ, ବକ୍ତୃତା, ସଙ୍ଗୀତ ଏବଂ ହସ୍ତାକ୍ଷର ଓ ଶ୍ରୁତଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

■ ପୋଲିସର ୬୦ତମ ଶହୀଦ ସ୍ମୃତି ଦିବସ

# ଶହୀଦଙ୍କ ବଳିଦାନ ବୃଥା ଯାଏନାହିଁ

ରାୟଗଡ଼ା ଅଫିସ,୨୧।୧୦

ରାୟଗଡ଼ା କସ୍ତୁରୀ ନଗର ଓ ଏମ୍‌ପି କ୍ୟାମ୍ପ ଲେନ୍‌ସ୍ଥିତ ସିଆରପିଏଫ୍ ୪ର୍ଥ ବାଟାଲିୟନ ପକ୍ଷରୁ ପୋଲିସର ୬୦ତମ ସ୍ମୃତିରକ୍ଷା ଦିବସ ସୋମବାର ପାଳନ କରାଯାଇଛି। ସିଆରପିଏଫ୍ ୪ର୍ଥ ବାଟାଲିୟନ କମାଣ୍ଡାଣ୍ଟ ୱାଇ.କେ. ରାଜପୁତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟତମ ଅତିଥିଭାବେ ୨ୟ କମାଣ୍ଡାଣ୍ଟ ମିଟୁ ରୟ, ସନ୍ତୋଷ କୁମାର ଦେ, ସହକାରୀ କମାଣ୍ଡାଣ୍ଟ ଜି.ସି. ସ୍ୱାଇଁ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ସାମୁହିକ ପରେଡ଼ କରାଯାଇଥିଲା। ଦେଶକୁ ରକ୍ଷା କରିବାରେ ଶହୀଦଙ୍କ ଅବଦାନ ଏବଂ ବଳିଦାନ କେବେ ବି ବୃଥା ଯାଏନାହିଁ ବୋଲି ମୁଖ୍ୟ ଅତିଥି କହିଥିଲେ। ୧୯୫୯ ଅକ୍ଟୋବର ୨୧ରେ ଚାଇନା ସହ ଗୁଳି ବିନିମୟ ଘଟି ୧୦ଜଣ ପୋଲିସ ଶହୀଦ ହେବା ସହ ୭ଜଣ ଆହତ ହୋଇଥିଲେ ବୋଲି ଅତିଥିମାନେ କହିଥିଲେ। ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ଯବାନମାନେ ଦେଶକୁ ସୁରକ୍ଷା ଦେଇ ଆସୁଛନ୍ତି ବୋଲି ଅତିଥିମାନେ ମତ ଦେଇଥିଲେ।




ଜଣେ ଅତିଥି ଶହୀଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

■ ଏମ୍‌ପି-ୱାଲଟିୟର ଡିଭିଜନ ଡିଆର୍‌ଏମ୍‌ଙ୍କ ଆଲୋଚନା

# ଜବରଦଖଲକାରୀଙ୍କୁ ମହଲତ ମିଳୁ

ରାୟଗଡ଼ା ଅଫିସ,୨୧।୧୦

କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା ଏବଂ ରେଲବାଇ ୱାଲଟିୟର ଡ଼ିଭିଜନ ଡ଼ିଆରଏମ୍ ଚେତନ ଶ୍ରୀବାସ୍ତବ ଡିଆର୍‌ଏମ୍‌ଙ୍କ କାର୍ଯ୍ୟାଳୟରେ ସୋମବାର ଏକ ଆଲୋଚନା କରିଛନ୍ତି। ରାଜ୍ୟ ସରକାରଙ୍କଠାରୁ ପତ୍ର ମିଳିଲେ ଥେରୁବାଲି-ଗୁଣପୁର ରେଲଲାଇନ କାର୍ଯ୍ୟ ଆରମ୍ଭ ହେବ ବୋଲି ଡ଼ିଆରଏମ୍ କହିଛନ୍ତି। ରେଲୱେ ଜାଗାରେ ଜବରଦଖଲ କରି ରହିଥିବା ଲୋକଙ୍କୁ ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଉଛି। ଏହି କ୍ରମରେ ଆସନ୍ତା ୨୪ ତାରିଖରେ ମଧ କିଛି ଲୋକଙ୍କୁ ଉଚ୍ଛେଦ କରାଯିବ ବୋଲି ରେଲୱେ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏହାକୁ କିଛି ଦିନ ପାଇଁ ସ୍ଥଗିତ ରଖିବାକୁ ଏମ୍‌ପି ଡିଆର୍‌ଏମ୍‌ଙ୍କୁ ନିବେଦନ କରିଛନ୍ତି। ବାସହରାଙ୍କୁ ଥଇଥାନ କରିବାକୁ ଏମ୍‌ପି ପ୍ରସ୍ତାବ ଦେଇଛନ୍ତି। ଜିଲା ପ୍ରଶାସନ, ରେଲୱେ ଜାଗା ସମ୍ପର୍କରେ ରେଭିନ୍ୟୁ ବିଭାଗ ଆଲୋଚନା କରିବେ। ଏହା ପରେ ଥଇଥାନ କରାଯିବ। ଜୁନାଗଡ଼-ଭୁବନେଶ୍ୱରର ଲିଙ୍କ ଏକ୍ସପ୍ରେସର ରୋଡ଼ ପରିବର୍ତ୍ତନ କରାଗଲେ ପରବର୍ତ୍ତୀ ସମୟରେ ଆନ୍ଦୋଳନ ସମ୍ଭାବନା ରହିଛି ବୋଲି ଏମ୍‌ପି ଡିଆର୍‌ଏମ୍‌ଙ୍କୁ ଜଣାଇଥିଲେ।




ଏମ୍‌ପି ଓ ଡିଆର୍‌ଏମ୍‌ଙ୍କ ଆଲୋଚନା ଚାଲିଛି।

■ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି

# ଯୋଗ୍ୟ ହିତାଧିକାରୀଙ୍କୁ ମିଳିନି କାଳିଆ ଟଙ୍କା

ବିଷମକଟକ, ୨୧।୧୦

ବିଷମକଟକ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା ୪୫ଟି ଅଭିଯୋଗର ଶୁଣାଣି କରିଥିଲେ। ନିନିରିଗୁଡା ଗ୍ରାମର ରାଇସଣ ୱାନ୍ଦାଲାକା ଏବଂ ୱାନ୍ଦଲାକା ଦିପାଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ କେନାଲ ନିର୍ମାଣ ସମୟରେ ଜମି ହରାଇଥିଲେ। କିନ୍ତୁ ସେମାନଙ୍କୁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ମିଳିନି ବୋଲି ସେମାନେ ଅଭିଯୋଗ କରିଥିଲେ। କୋଲନାରା ବ୍ଲକର ଜଣେ ଶିକ୍ଷକ ଦୁଇବର୍ଷ ହେବ ଦରମା ପାଇ ନ ଥିବାବେଳେ ତାଙ୍କୁ ଖୋର୍ଦ୍ଧା ଜିଲାକୁ ବଦଳି କରାଯାଇଥିଲା। ଅର୍ଥାଭାବ ଏବଂ ଅନ୍ୟପଟେ ବଦଳି ହୋଇଥିବାରୁ ଚାପରେ ରହି ତାଙ୍କ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇ ପାଗଳ ପ୍ରାୟ ହୋଇଯାଇଛନ୍ତି। ସମ୍ପୃକ୍ତ ଶିକ୍ଷକ ତାଙ୍କ ସ୍ତ୍ରୀଙ୍କୁ ନେଇ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇଥିଲେ। ଜିଲାପାଳ ତାଙ୍କ ଅବସ୍ଥା ଦେଖି ତୁରନ୍ତ ସମ୍ପୃକ୍ତ ଶିକ୍ଷକଙ୍କୁ ଜିଲାର ଯେଉଁ ବିଦ୍ୟାଳୟରେ ପଦବୀ ଖାଲି ରହିଛି ସେଠାରେ ନିଯୁକ୍ତି ଦେବାକୁ ଜିଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଷମକଟକ ସଦର ମହକୁମା ଚନ୍ଦନ କୋଲନୀ ସାହି ବାସିନ୍ଦାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଜାଗା ଛାଡି ଚାଲି ଯିବାକୁ ଧମକ ଦେଉଛନ୍ତି। ଉକ୍ତ ଜାଗା ତାଙ୍କର ବୋଲି ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ କହୁଥିବା ସାହି ବାସିନ୍ଦା ଜିଲାପାଳଙ୍କୁ ଜଣାଇଥିଲେ। ଭେଜିପଦର ଗ୍ରାମକୁ ପାନୀୟ ଜଳ ଯୋଗାଣ ନିୟମିତ ଭାବେ ହେଉନଥିବା ଏବଂ ଯୋଗ୍ୟ ହିତାଧିକାରୀମାନେ କାଳିଆ ଯୋଜନା ଟଙ୍କା ପାଇ ନ ଥିବା ନେଇ ବ୍ଲକ ଭାଜପା କୃଷକ ମୋର୍ଚ୍ଚା ଜିଲାପାଳଙ୍କୁ ଅଭିଯୋଗପତ୍ର ଦେଇଥିଲେ। ହାଟମୁନିଗୁଡା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ ପଣ୍ଡା ସ୍କୁଲର ବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ନିର୍ଯାତନା ଦେବାସହ ଜାତିଆଣ ଆକ୍ଷେପ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଉକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇ ନାହିଁ କି ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ବି.ଆର୍.ଆମ୍ବେଡ଼କର ଆଦିବାସୀ ସଂଘ ସମିତି ସଦସ୍ୟ ଜିତେନ୍ଦ୍ର ଜକସିକା ପ୍ରଧାନଶିକ୍ଷକଙ୍କ ଗିରଫ ଦାବି କରିଥିଲେ। ଅଭିଯୋଗ ଶୁଣାଣିରେ ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ରତୁରାଜ, ଏସ୍‌ପି ଶର୍ବଣା ବିବେକ ଏମ୍, ଗୁଣପୁର ଉପଜିଲାପାଳ ବି.ସିର୍ଦ୍ଧେଶ୍ୱର ବଳିରାମ ବନ୍ଦର, ଗୁଣପୁର ଆଦିବାସୀ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଗୋରଚାନ୍ଦ ଗମାଙ୍ଗ, ଜିଲା ବନଖଣ୍ଡ ଅଧିକାରୀ, ଜିଲା ସ୍ୱାସ୍ଥ୍ୟାଧିକାରୀ ଉପସ୍ଥିତ ଥିଲେ।




ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

### ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ ୮ ମନୋନୀତ

ଦାମନଯୋଡ଼ି,୨୧।୧୦(ସ୍ୱ.ପ୍ର.):

କୋରାପୁଟ ଜିଲା ବିଦ୍ୟାଳୟ ସମୂହର ଯୋଗ ଓ ଆଥଲେଟିକ୍ସ ଚାମ୍ପିୟନଶିପ୍ ପ୍ରତିଯୋଗିତା ଦୁଇଦିନ ଧରି କୁନ୍ଦୁରାଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦାମନଯୋଡି ସରସ୍ୱତୀ ବିଦ୍ୟାମନ୍ଦିରର ୧୧ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୮ଜଣ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ମନୋନୀତ ହୋଇଛନ୍ତି। ସେମାନେ ହେଲେ ବିଶ୍ୱମୋହିନୀ ସାହୁ, ବିଭୁଚନ୍ଦନ ପାଣିଗ୍ରାହୀ, ଶୁଭାଶିଷ ମିଶ୍ର, ପୁଷ୍ପଲତା ପାଣିଗ୍ରାହୀ, ହରିପ୍ରିୟା ପାତ୍ର, ଦିପ୍ତିମୟୀ ଶତପଥୀ, ଆୟୁଷ୍ମାନ ସାହୁ ଓ ଶୁଭଙ୍କର ସେଠୀ । ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ନୟାଗଡ ଦଶପଲ୍ଲା ସାତପଡାର ନୋଡାଲ ହାଇସ୍କୁଲରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ । ବିଦ୍ୟାମନ୍ଦିରର ଶାରିରୀକ ଶିକ୍ଷା ତଥା ଯୋଗ ଶିକ୍ଷକ ଡ. ନିରୋଧ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଉକ୍ତ ସଫଳତା ପାଇଁ ବିଦ୍ୟାମନ୍ଦିର ପରିଚାଳନା ସମିତି, ସମ୍ପାଦକ ଅଶୋକ ନାୟକ ଓ ଅଧକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା, ସଭ୍ୟ ପଞ୍ଜୀକରଣ

ମୁନିଗୁଡା, ୨୧।୧୦(ଡି.ଏନ୍.ଏ.)

ମୁନିଗୁଡ଼ା ବ୍ଲକ ବିଜେଡି ପକ୍ଷରୁ ସ୍ଥାନୀୟ କୁମୁଡାବାଲିରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ରତନଲାଲ ଜୈନଙ୍କ ନେତୃତ୍ୱରେ ପଦଯାତ୍ରା ଓ ସଭ୍ୟ ପଞ୍ଜୀକରଣ କରାଯାଇଥିଲା। ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ ମୁଖ୍ୟ ଅତିଥି, ବିଜେଡି ଜିଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ପୂର୍ବତନ ବିଧାୟକ ସାରଙ୍ଗଧର କାଡ୍ରାକା, ଜଗନ୍ନାଥ ନୁଣ୍ଡ୍ରୁକା, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ଶକୁନ୍ତଳା ନୁଣ୍ଡ୍ରୁକା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିଛି କି ନାହିଁ ସେ ନେଇ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡିର ଅନିଲ ତାରିଣୀ, ସୀମାଞ୍ଚଳ ଦାସ, ଧ୍ରୁବ ପାଣିଗ୍ରାହୀ, ସୁନୀଲ ତାରିଣୀ,ଜ୍ୟୋତି ପ୍ରକାଶ ସାହୁ, ଚକ୍ରପାଣି ମାର୍ଥା, ବୃନ୍ଦାବନ ପାଢ଼ୀ ଉପସ୍ଥିତ ଥିଲେ।




ମୁନିଗୁଡ଼ା ବ୍ଲକ ବିଜେଡି ପକ୍ଷରୁ ବାହାରିଥିବା ପଦଯାତ୍ରା।



ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

# ଶହୀଦ ଦିବସ ପାଇଁ ପ୍ରତିଯୋଗିତା

ଗୁଣପୁର,୨୧।୧୦(ଡି.ଏନ.ଏ)

ଗୁଣପୁରଠାରେ ପୋଲିସ ପକ୍ଷରୁ ଶହୀଦ ସ୍ମୃତି ଦିବସ ସୋମବାର ପାଳିତ ହୋଇଛି। କେ.ପ୍ରହ୍ଲାଦ ରେଡ୍ଡୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗୁଣପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଅକ୍ଷୟ ଦାସ, ବି.ଲକ୍ଷ୍ମୀ ନାରାୟଣ, ରମେଶ ଲିମା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନଶିକ୍ଷକ ଶଶାଙ୍କ ଦାସ, ଶିକ୍ଷକ ନୀଳାଞ୍ଚଳ ମିଶ୍ରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଫାଇନାନ୍ସ କମ୍ପାନୀରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି

ଜୟପୁର,୨୧।୧୦ (ନି.ପ୍ର):

ଭାରତ ଫାଇନାନ୍ସ ଲିମିଟେଡରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଜଣାଯାଇଛି । ଚୋରି ହେବାର ୨୬ ଦିନ ପରେ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି । ଏନେଇ ପୋଲିସ ମାମଲା (ନଂ୨୫୧/୧୯) ରୁଜୁ କରିଛି। ଜୟପୁର କୁନ୍ଦାରିଗୁଡାରେ ଭାରତ ଫାଇନାନ୍ସ ଲିମିଟେଡର ଏକ ଶାଖା ରହିଛି। ଗତ ସେପ୍ଟେମ୍ବର ୨୬ ତାରିଖରେ ଫାଇନାନ୍ସ କମ୍ପାନୀର ଅଫିସରଙ୍କ ଡ୍ରରୁ ୩ ଲକ୍ଷ ୪ ହଜାର ଟଙ୍କା ଚୋରି ହୋଇଥିବା କମ୍ପାନୀ ଶାଖା ପରିଚାଳକ ବାସୁଦେବ ଦାସ ଥାନାରେ ଅଭିଯୋଗ କରିଛନ୍ତି।

■ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

# ପିଲାଙ୍କୁ ଅଙ୍ଗନୱାଡି ପଠାଅ

ଜେକେପୁର,୨୧।୧୦

ରାୟଗଡା ଜିଲା ସଦର ବ୍ଲକ ଚାନ୍ଦିଲି ପଞ୍ଚାୟତରେ ସୋମବାର ୫-ଟି ଯୋଜନାରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ କରାଯାଇଛି। ରାୟଗଡ଼ା ବିଡିଓ ରାଜେନ୍ଦ୍ର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଶିଶୁବିକାଶ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ମମତା ଯୋଜନା, ଗର୍ଭବତୀ ଓ ପ୍ରସୂତିମାନଙ୍କ ସମ୍ବନ୍ଧରେ ଆଲୋଚନା କରିଥିଲେ। ୩ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ରକୁ ପଠାଇବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ବୁଝାଇଥିଲେ। ନିର୍ମାଣ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ କରାଯାଉଥିବା ଯୋଜନାରେ ସାମିଲ ହେବାକୁ ଅଧିକାରୀମାନେ ଉପଦେଶ ଦେଇଥିଲେ। ଏଥିସହ ସେମାନଙ୍କୁ ପଞ୍ଜୀକରଣ କରାଯାଇଥିଲା। ସେହିଭଳି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବିତରଣ କରାଯାଇଥିଲା। ମିଶନ ଶକ୍ତି, କୃଷି, ଶିକ୍ଷା, ଓଡିଶା ଜୀବିକା ମିଶନ, ଗ୍ରାମ୍ୟ ଓ ପରିମଳ ଏବଂ ୟୁନିସେଫ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବ୍ କଲେକ୍ଟର ପ୍ରତାପ ଚନ୍ଦ୍ର ପ୍ରଧାନ, ଏବିଡିଓ ନରସିଂହ ପଟ୍ଟନାୟକ, ଅତିରିକ୍ତ ତହସିଲଦାର ସୁନିଲ ଖରା, ବ୍ଲକଅଧ୍ୟକ୍ଷ ପେଦେଣ୍ଟି ରାମଲୁ, ଜିଲା ପରିଷଦ ଅଧ୍ୟକ୍ଷ ପି. ଗୌରୀଶଙ୍କର, ଚାନ୍ଦିଲି ସରପଞ୍ଚ ସୁଆଇ ପେଦେଣ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ଅଧିକାରୀ ଅଦିତ ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଚାନ୍ଦିଲି ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଉମା ପାଣିଗ୍ରାହୀ ପରିଚାଳନା କରିଥିଲେ । ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଚାନ୍ଦିଲି ପଞ୍ଚାୟତ ବ୍ୟତୀତ କୁର୍ଲି, କାର୍ଲାକଣା, ଦୁର୍ଗାପାଡୁର ଲୋକେ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ପାର୍କିଂ ସ୍ଥଳରେ ଚାଲିଛି ଖୁଲମ୍‌ଖୁଲା ଲୁଟ୍

ରାୟଗଡା ଅଫିସ, ୨୧।୧୦

ରାୟଗଡ଼ାରୁ ଆଖପାଖ ଅଞ୍ଚଳକୁ ଦୈନିକ ଟ୍ରେନ୍ ଯୋଗେ ସ୍ଥାନୀୟ ଲୋକେ ଯାତ୍ରା କରୁଛନ୍ତି। ଲୋକ ସୁବିଧାରେ ଓ ସୁରକ୍ଷିତଭାବେ ଯେଭଳି ନିଜର ଗାଡ଼ି ରଖି ଯାତ୍ରା କରିବେ ସେଥିପାଇଁ ରାୟଗଡା ରେଳ ଷ୍ଟେଶନରେ ଦେୟ ଯୁକ୍ତ ପାର୍କିଂ ବ୍ୟବସ୍ଥା କରାଯାଉଛି। କିନ୍ତୁ ଉକ୍ତ ପାର୍କିଂ ସ୍ଥାନଟି ନାନା ଅବ୍ୟବସ୍ଥାରେ ଚାଲିଛି। ଯାତ୍ରୀମାନେ ଏଠାରେ ଶୋଷଣ ହେଉଥିବା ମଧ ଅଭିଯୋଗ ହେଉଛି। ଲୋକେ ଏଠାରେ ଗାଡ଼ି ରଖିବାକୁ ଏବେ ସୁରକ୍ଷିତ ମଣୁ ନାହାନ୍ତି।

ରାୟଗଡା ରେଲୱେ ଷ୍ଟେଶନରେ ପାର୍କିଂ ସ୍ଥଳକୁ ରେଳ ବିଭାଗର ଟେଣ୍ଡର ଦ୍ୱାରା ଏକ ବେସରକାରୀ ଅନୁଷ୍ଠାନକୁ ଦେଇଛି। ପ୍ରାୟ ୪୦୦୦ ବର୍ଗ ଫୁଟ ଜାଗାରେ ଏହା ପରିବେଷ୍ଟିତ। ଏଠାରେ ଦୈନିକ ୨ଶହରୁ ୨୫୦ ଗାଡ଼ି ରହୁଛି। ଏକ ଚତୁର୍ଥାଂଶ ଜାଗାରେ ହିଁ ଟିଣ ଛାତର ବ୍ୟବସ୍ଥା ରହିଛି। ୨ ଚକିଆ ଯାନକୁ ୬ ଘଣ୍ଟା ରଖିଲେ ଜିଏସ୍‌ଟି ସହ ୫ ଟଙ୍କା୯୦ ପଇସା ଲାଗୁଛି। ସେହିଭଳି ୧୨ ଘଣ୍ଟା ପାଇଁ ଜିଏସଟି ସହ ୧୧ ଟଙ୍କା ୮୦ ପଇସା ଓ ୨୪ଘଣ୍ଟା ପାଇଁ ୨୩ ଟଙ୍କା ୬୦ ପଇସା ନିଆଯାଉଛି। କିନ୍ତୁ ବ୍ରହ୍ମପୁର ଭୁବନେଶ୍ୱର ଭଳି ସହରରେ ରେଳ ଷ୍ଟେଶନରେ ଥିବା ପାର୍କିଂ ସ୍ଥଳରେ ୧୨ ଘଣ୍ଟା ପର୍ଯ୍ୟନ୍ତ ଜିଏସ୍‌ଟି ସହ ୫ ଟଙ୍କା ୯୦ ପଇସା ଓ ୨୪ ଘଣ୍ଟା ପାଇଁ ୧୧.୮୦ ପଇସା ଦେବାକୁ ପଡୁଛି। କ'ଣ ପାଇଁ ରାୟଗଡ଼ାରେ ଅଧିକ ଅର୍ଥ ଆଦାୟ କରାଯାଉଛି ସେ ନେଇ ରେଳ କର୍ତ୍ତୃପକ୍ଷ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ରେଳ ବିଭାଗର ନିୟମ ଗୁଡିକ ସାଧାରଣତଃ ସାରା ଦେଶ ପାଇଁ ସମାନ ହୋଇଥିବାସ୍ଥଳେ ରାୟଗଡାର ପାର୍କିଂ ସ୍ଥଳରେ ଏହାର ଫି଼ ଆଦାୟରେ ବ୍ୟତିକ୍ରମ ହେଉ ଥିବାରୁ ବୁଦ୍ଧିଜୀବୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ପାର୍କିଂସ୍ଥଳରେ ଆଜି ପର୍ଯ୍ୟନ୍ତ ସିସି କ୍ୟାମେରା ଲାଗିନାହିଁ। ଫଳରେ ଚୋରି ବଢିବା ଆଶଙ୍କା ବଢିଯାଇଛି। କ୍ୟାମେରା ନ ଥିବାରୁ ୨ ଚକିଆ ଯାନରୁ ପେଟ୍ରୋଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସେହିଭଳି ଏଠାରେ ହେଲ୍‌ମେଟ ରଖିବା ପାଇଁ ମଧ ଅଧିକ ୧୦ ଟଙ୍କା ଲେଖାଏ ଆଦାୟ କରାଯାଉଛି। ସିସି କ୍ୟାମେରା ନ ଥିବାରୁ ଲୋକେ ବାଧ୍ୟହୋଇ ହେଲ୍‌ମେଟ ପାଇଁ ୧୦ ଟଙ୍କା ଦେଉଛନ୍ତି। ଏ ସବୁ ନେଇ ଷ୍ଟେଶନ ମାଷ୍ଟର ପି.ସି.ସେଠୀଙ୍କୁ ପଚାରିବାରୁ ହେଲ୍‌ମେଟ୍ ପାଇଁ ଅଧିକ ଟଙ୍କା ନେବା ପାଇଁ କୌଣସି ନିୟମ ନାହିଁ ବୋଲି ସେ କହିଛନ୍ତି। ପାର୍କିଂସ୍ଥଳରେ ଶୀଘ୍ର ସିସି କେମେରା ଲଗାଯିବ ବୋଲି ସେ କହିଛନ୍ତି। ପାର୍କିଂ ପାଇଁ ୨ଗୁଣା ଟଙ୍କା ଆଦାୟ, ହେଲ୍‌ମେଟ୍ ପାଇଁ ଅଧିକ ଟଙ୍କା ନେବା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଲୋକେ ଦାବି କରିଛନ୍ତି।



ରାୟଗଡ଼ା ଷ୍ଟେଶନ ନିକଟ ପାର୍କିଂସ୍ଥଳ।

■ ପାର୍କିଂ ଜାଗାରେ ନାହିଁ ସିସିଟିଭି

■ ହେଲ୍‌ମେଟ୍ ପାଇଁ ଅଧିକ ୧୦ଟଙ୍କା ଆଦାୟ

## ସଂକ୍ଷେପରେ

### ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ,୨୧।୧୦:** ସରକାରୀ ରେଳବାଇ ପୋଲିସ (ଜିଆରପି) ସୋମବାର ଲାଞ୍ଜିପଲ୍ଲୀ ଓଭରବ୍ରିଜ ତଳଦେଇ ଯାଇଥିବା ରେଳଧାରଣାରୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ବ୍ୟକ୍ତି ଜଣକ ରାମନଗର ୪ର୍ଥ ଲେନ୍‌ରେ ରହୁଥିବା ବଳରାମ ନାୟକ (୬୮)। ପୋଲିସ ମୃତଦେହ ଜବତ କରି ନଂ. ୫୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୋମବାର ସେ ପ୍ରାତଃଭ୍ରମଣ ସାରି ଘରକୁ ଫେରୁଥିଲେ। ରେଳଧାରଣା ଅତିକ୍ରମ କରୁଥିବା ବେଳେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ ସନ୍ଦେହ କରୁଛି।

### ଦେଶୀମଦ ଜବତ: ୨ଗିରଫ

**ପାରଳାଖେମୁଣ୍ଡି,୨୧।୧୦(ସ୍ୱ.ପ୍ର.)-** ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଚୋରା ଦେଶୀ ମଦ ଜବତ କରାଯିବା ସହ ୨ ମହିଳାଙ୍କୁ ଗିରଫ କରାଯାଇଛି। ପୋଲିସ ପାଟ୍ରୋଲିଂ ସମୟରେ ସହରର ରାଣୀପେଣ୍ଠ ରୋଡର କିରୋସିନି ଡିପୋ ନିକଟରେ ଦୁଇ ମହିଳାଙ୍କୁ ସନ୍ଦେହରେ ଅଟକାଇ ପଚରା ଉଚରା କରିଥିଲା। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୮ଲିଟର ଦେଶୀ ମଦ ଜବତ କରାଯିବା ସହ ଜି. ପିନ୍ନି ଓ ଜି. ଜ୍ୟୋତିଙ୍କୁ ଗିରଫ କରାଯାଇଛି। ଉଭୟଙ୍କ ଘର ପାରଳାଖେମୁଣ୍ଡି ଜାଗିଲି ସାହିରେ ବୋଲି ଜଣାପଡ଼ିଛି । ଏ ନେଇ କେସ୍ ନଂ- ୨୦୨/୧୯ ରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଦିବାକର ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି ଅନ୍ୟ ଏକ ଘଟଣାରେ ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ଗୁମ୍ମା ନାଳ ନିକଟରୁ ଅନ୍ୟ ଜଣେ ମହିଳାଙ୍କଠାରୁ ୭ଲିଟର୍ ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତଙ୍କ ଘର ପାରଳା ଜାଗିଲି ସାହି ବୋଲି ଜଣାପଡିଛି । ଏ ସମ୍ପର୍କରେ ୨୦୧/୧୯ ରେ ଆଉ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଏସ୍‌ଆଇ ପି.କେ. ତାରିଣୀ ସୂଚନା ଦେଇଛନ୍ତି।

### ଅବସରପ୍ରାପ୍ତ ସୈନିକଙ୍କ ଘରୁ ଚୋରି

**ଜଗନ୍ନାଥପ୍ରସାଦ, ୨୧।୧୦(ଡି.ଏନ.ଏ.):** ଜଗନ୍ନାଥପ୍ରସାଦ ଥାନା ପଞ୍ଚଭୂତି ଗ୍ରାମରେ ଶନିବାର ମଧ୍ୟ ରାତ୍ରିରେ ଜଣେ ଅବସରପ୍ରାପ୍ତ ସୈନିକ ସୁଦର୍ଶନ ନାୟକଙ୍କ ଘରୁ ଚୋରି ହୋଇଛି। ଏନେଇ ସେ ଥାନାରେ ଅଭିଯୋଗ କରିବାପରେ ନଂ.୧୭୧/୧୯ରେ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ପ୍ରକାରେ ୧୯ ତାରିଖରେ ପରିବାରର ସମସ୍ତ ସଦସ୍ୟ ରାତିରେ ଖାଇପିଇ ଶୋଇପଡିଥିଲେ। ଦୁର୍ବୃତ୍ତମାନେ ଗ୍ରୀଲ କବାଟ ତାଡି ଘରେ ପଶି ଆଲମାରୀ ଲକର ଭାଙ୍ଗି ନଗଦ ୧୦ହଜାର ଟଙ୍କା, ୨ ସୁନା ଚେନ, ୩ଟି ସୁନା ମୁଦି ସମେତ ନୂଆ ପୋଷାକ ପତ୍ର ସମେତ ବହୁ ଜିନିଷପତ୍ର ଲୁଟି ନେଇଥିଲେ। ତଦନ୍ତକାରୀ ଅଫିସର ଅମ୍ବିକା ବେଣିଆ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ମଦ ଜବତ, ୨ ଗିରଫ

**ବାଲିଗୁଡା,୨୧।୧୦(ଡି.ଏନ୍.ଏ.):** ବାଲିଗୁଡା ପାଟଖଣ୍ଡା ସାହିରେ ପୋଲିସ ଚଢାଉ କରି ମହୁଲି ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାବିତ୍ରୀ ସାହାଣି ଓ ପ୍ରଶାନ୍ତ କୁମାର ପ୍ରଧାନ। ଉଭୟଙ୍କଠାରୁ ୪୦ ଲିଟର ମହୁଲି ମଦ ଜବତ କରାଯାଇଛି। ଏ ନେଇ ପୃଥକ୍ ଦୁଇ ମାମଲା (ନଂ.୧୪୦,୧୪୧/୧୯) ରୁଜୁ ହୋଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବାଲିଗୁଡା ଥାନା ପୋଲିସ ସୂଚନା ଦେଇଛି। ସେହିପରି ମହାଶିଙ୍ଗି ପଞ୍ଚାୟତରେ ମଧ୍ୟ ପୋଲିସ ଚଢାଉ କରି ବ୍ୟାପକ ପରିମାଣର ମହୁଲ ପୋଚ ନଷ୍ଟ କରିଛି।

### ବାଇକ୍ ଚୋରି ଅଭିଯୋଗ

**ଗୋପାଳପୁର,୨୧।୧୦:** ଗୋଳନ୍ଥରା ଥାନା ମେଣ୍ଟରାଜପୁର ଗ୍ରାମରେ ରବିବାର ମଧରାତ୍ରିରେ ଜଣେ ବ୍ୟକ୍ତିଙ୍କ ଘର ସମ୍ମୁଖରୁ ବାଇକ୍ ଚୋରି ହୋଇଛି। ମେଣ୍ଟରାଜପୁର ଗ୍ରାମର କେ.ଲାଛମେୟା ରବିବାର ରାତିରେ ତାଙ୍କ ବାଇକ୍ (ନଂ.ଓଡି୦୭ଏମ୍-୬୪୮୫) ଘର ସମ୍ମୁଖରେ ଲକ୍ କରି ରଖିଥିଲେ। ରାତିରେ ଦୁର୍ବୃତ୍ତମାନେ ଗାଡି ଭାଙ୍ଗି ଚୋରି କରି ନେଇଛନ୍ତି। ସୋମବାର ସକାଳୁ ବାଇକ୍ ନ ଥିବା ଦେଖି ଗୋଳନ୍ଥରା ଥାନାରେ ଏତଲା ଦେଇଛନ୍ତି।

■ ୬୦ତମ ପୋଲିସ ଶହୀଦ୍ ଦିବସ

# ଶହୀଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ

**ପାରଳାଖେମୁଣ୍ଡି, ୨୧।୧୦(ସ୍ୱ.ପ୍ର.)**


ଶହୀଦ ପୋଲିସ ଯବାନ ସ୍ତମ୍ଭରେ ପୁଷ୍ପ ଗୁଚ୍ଛ ପ୍ରଦାନ ପାଇଁ ଏସପି ଓ ପୋଲିସ ଅଧିକାରୀମାନେ ଯାଉଛନ୍ତି ।

ଗଜପତି ଜିଲା ପୋଲିସ ପକ୍ଷରୁ ସୋମବାର ୬୦ତମ ଶହୀଦ ସ୍ମୃତିରକ୍ଷା ଦିବସ ପାଳିତ ହୋଇଛି। ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ବେତାଗୁଡ଼ା ରିଜର୍ଭ ପୋଲିସ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସ୍‌ପି ସାରା ଶର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ସହିଦ୍ ପୋଲିସ ଯବାନ୍ ସ୍ତମ୍ଭରେ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ଏହି ଅବସରରେ ସେ ଶହୀଦ୍ ମାନଙ୍କ ସ୍ମୃତିଚାରଣ କରିବା ସହ ଦେଶ ତଥା ଅଞ୍ଚଳର ସୁରକ୍ଷା ଦିଗରେ ସେମାନଙ୍କ ଉତ୍ସର୍ଗୀକୃତ ମନୋଭାବ ବିଷୟରେ କହିଥିଲେ। ପ୍ରତ୍ୟେକ ପୋଲିସ ଅଧିକାରୀ ଓ କର୍ମଚାରୀ ଶହୀଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ କରାଯାଇଥିଲା । ଏହି ଅବସରରେ ସମସ୍ତ ଶହୀଦ ହୋଇଥିବା ପୋଲିସ ମାନଙ୍କ ନାମ ତାଲିକା ପାଠ କରାଯିବା ସହ ୨୦୦୮ ମସିହାରେ ମାଲକାନଗିରିରେ ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ଶହୀଦ ହୋଇଥିବା ୨ପୋଲିସ କନଷ୍ଟେବଳ ସହୀଦ ସିମାଞ୍ଚଳ ପ୍ରଧାନ ଏବଂ ବିଶ୍ୱତ ଜେନାଙ୍କ ପତ୍ନୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଶହୀଦ୍ ଦିବସ ଅବସରରେ ଆୟୋଜିତ ପ୍ୟାରେଡରେ ଏସ୍‌ପି ଶର୍ମା ଅଭିବାଦନ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ସୀତାରାମ ଶତପଥି, ଏସ୍‌ଡିପିଓ ଠାକୁର ପ୍ରସାଦ ପାତ୍ର, ରିଜର୍ଭ ଇନ୍ସପେକ୍ଟର ଡମ୍ବରୁଧର ହନାଗା, ମାନସ ରଞ୍ଜନ ବେହେରା, ପାରଳାଖେମୁଣ୍ଡି ଆଇଆଇସି ବିବେକାନନ୍ଦ ସ୍ୱାଇଁଙ୍କ ସମେତ ବହୁ ପୋଲିସ ପଦାଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ ।

# ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ

**ପାରଳାଖେମୁଣ୍ଡି,୨୧।୧୦(ସ୍ୱ.ପ୍ର.)**

ସହରର ଓଡ଼ିଆ ଭଣ୍ଡାରୀ ସାହି ଛକ ଠାରେ ଅନୁଷ୍ଠିତ ହେଉଥିବା ସର୍ବ ପୁରାତନ ଗଜଲକ୍ଷ୍ମୀ ପୂଜାରେ ସୋମବାର ଭସାଣି ଉତ୍ସବ ଅନୁଷ୍ଠିତ ହୋଇଛି। ୧୩ ତାରିଖ କୁମାର ପୂର୍ଣ୍ଣିମାଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇଥିବାବେଳେ ୯ ଦିନ ଧରି ଆଡମ୍ବର ସହକାରେ ପୂଜା ଅନୁଷ୍ଠିତ ହୋଇଥିଲା। ପ୍ରତିବର୍ଷଭଳି ଚଳିତ ବର୍ଷ ମଧ୍ୟ ଏଠାରେ ଅନ୍ନସେବା, ଦୀପଦାନ ଉତ୍ସବ, ଶଙ୍ଖା ସିନ୍ଦୁର ଦାନ, ପାଟ ଶାଢି ଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତି ସନ୍ଧ୍ୟାରେ ଏଠାରେ ବିଭିନ୍ନ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମମାନ ପରିବେଷଣ ହୋଇଥିଲା। ସହରର ଏହି ପୂଜା ୩୫ବର୍ଷରେ ପହଞ୍ଚିଥିବାବେଳେ ୯ ଦିନ ଧରି ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି ଦେଖିବାକୁ ମିଳିଥିଲା । ସୁନ୍ଦର ଆଲୋକମାଳାରେ ଅଞ୍ଚଳ ଝଲସି ଉଠୁଥିଲା। ମଙ୍ଗଳବାର ସନ୍ଧ୍ୟାରେ ପୁରୋହିତ ରାମକୃଷ୍ଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ମା'ଙ୍କ ପୂଜାର୍ଚ୍ଚନାପରେ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା। ଏହି ସମୟରେ ଅଞ୍ଚଳବାସୀ ନିଜ ଗୃହ ସମ୍ମୁଖରେ ଦୀପଦାନ କରି ମା'ଙ୍କୁ ବିଦାୟ ଦେଇଥିଲେ। ସହରର ଓଡିଆ ଭଣ୍ଡାରୀ ସାହି, ଚିତ୍ରକାର ସାହି, ବକ୍ସିସାହି, ଗୋପିନୀ ସାହି, ଲକ୍ଷ୍ମୀନଗର ଅଞ୍ଚଳ ପରିକ୍ରମା ପରେ ସଦରା ପୋଖରୀରେ ମା'ଙ୍କୁ ବିସର୍ଜନ କରାଯାଇଛି। ବିସର୍ଜନ ଉତ୍ସବକୁ ପୂଜା କମିଟିର ସଭାପତି ବିଭୂତି ଭୂଷଣ ବେହେରା, ସୁରେଶ ଦାସ, ନିମାଁଇ ପାତ୍ର, ସିମାଞ୍ଚଳ ପତିତ, ମନୋଜ ପାଢୀ, ବାବୁଲା ଜେନା, ଗଙ୍ଗାଧର ଖଞ୍ଜା, ଉମେଶ ରଥ, ରମେଶ ପାଣିଗ୍ରାହୀ, ସଞ୍ଜୟ ଅଧିକାରୀ, ବିନ୍ଦୁ ବେହେରା ଶାନ୍ତି ଶୃଙ୍ଖଳାର ସହ ପରିଚାଳନା କରିଥିଲେ ।


ମା'ଙ୍କୁ ଭସାଣି ଶୋଭାଯାତ୍ରାରେ ନିଆଯାଉଛି।

# ୪୧ ଅଭିଯୋଗ ଶୁଣିଲେ ଜିଲାପାଳ

**ରାୟଗଡ଼(ଗଜପତି), ୨୧।୧୦ (ଡି.ଏନ୍.ଏ.)**

ରାୟଗଡ଼ ବ୍ଲକ ଅନ୍ତର୍ଗତ କଇଁପୁର ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଏଥିରେ ଜିଲାପାଳ ଅନୁପମ ଶାହା ଏବଂ ଏସ୍‌ପି ସାରା ଶର୍ମା ଉପସ୍ଥିତ ରହି ୪୧ ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ୨୭ ବ୍ୟକ୍ତିଗତ ଏବଂ ୧୪ ସାମୁହିକ ଅଭିଯୋଗ ରହିଥିଲା। ଏସ. କରଡ଼ାସିଂ ପଞ୍ଚାୟତର ମାଙ୍ଗା ଶବର ଦୀର୍ଘ ଦିନ ହେଲା ରେଗରେ ପୀଡ଼ିତ ଥିବାବେଳେ ତାଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି। ସେହିପରି ରାସ୍ତାଘାଟ, ପାନୀୟଜଳ, ତିତ୍‌ଲୀ କ୍ଷତିପୁରଣ, ବିଜୁ ପକ୍କାଘର, ରାଶନ୍ କାର୍ଡ ସମ୍ପର୍କିତ ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ତୁରନ୍ତ ପଦକ୍ଷେପ ନିଆଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥିଭାବେ ଡି.ଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରାଣା, ବିଡିଓ ଲୁକାଶ ପ୍ରଧାନ, ରାୟଗଡ଼ ବ୍ଲକ ଅଧ୍ୟକ୍ଷ ଧନେଶ୍ୱର ଭୂୟାଁ, ଜିଲା ପରିଷଦ ସଭ୍ୟ ଜଗନ୍ନାଥ ଭୂୟାଁଙ୍କ ସମେତ ସମସ୍ତ ବିଭାଗୀୟ ଜିଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀ, ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲାପାଳ, ଏସ୍‌ପି, ଡିଆର୍‌ଡିଏ ପିଡି ଓ ଅନ୍ୟମାନେ।

## ଶୀତ ଦିନରେ ପାନୀୟ ଜଳ ସମସ୍ୟା

**ପାରଳାଖେମୁଣ୍ଡି,୨୧।୧୦(ସ୍ୱ.ପ୍ର.)**

ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟଜଳ ଯୋଗଣ ଠିକ୍‌ଭାବେ ହେଉ ନ ଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ସହରର କେତେକ ଢେପୁଆ ଅଞ୍ଚଳ ତଥା ଖଞ୍ଜାସାହି, ଗୋଲା ସାହି, ତେଲୁଗୁ ଧୋବା ସାହିରେ ସମସ୍ୟା ଦେଖିବାକୁ ମିଳୁଥିବାବେଳେ ଏବେ ସହରର ବିଭିନ୍ନ ସାହିରେ ପାନୀୟଜଳ ସମସ୍ୟା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଅଞ୍ଚଳବାସୀ ବାରମ୍ବାର ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସେହିପରି ପୂର୍ବରୁ ସକାଳ ଓ ସନ୍ଧ୍ୟାରେ ଦୁଇଥର ଜଳ ଯୋଗାଣ କରାଯାଉଥିବାବେଳେ ଏବେ ସନ୍ଧ୍ୟାରେ ଜଳ ଯୋଗାଣ ହେଉନାହିଁ। ତେଣୁ ଶୀତ ଦିନରେ ଯଦି ଏପରି ଅବସ୍ଥା ତେବେ ଗ୍ରୀଷ୍ମ ଦିନରେ କିପରି ସଙ୍କଟ ପରିସ୍ଥିତି ସୃଷ୍ଟି ହେବ ତାହା ସ୍ପଷ୍ଟ ହେଉଛି। ଏ ସମ୍ପର୍କରେ ୧୫ନଂ ନମ୍ବର ୱାର୍ଡ ବାସିନ୍ଦା ତଥା ଜିଲା ଭାଜପାର ସାଧାରଣ ସମ୍ପାଦକ ଜଗନ୍ନାଥ ମହାପାତ୍ରଙ୍କ ମତାମତ ନେବାରୁ ସେ କହିଛନ୍ତି ଯେ, ପାରଳାଖେମୁଣ୍ଡି ଜନସ୍ୱାସ୍ଥ୍ୟ ବିଭାଗ ଏକ ପ୍ରକାର ସ୍ଥାଣୁ ପାଲଟିଛି। ପାନୀୟଜଳ ଯୋଗାଣରେ ଘୋର ଅବ୍ୟବସ୍ଥା ଦେଖାଦେଲେ ମଧ୍ୟ ସମାଧାନ ପାଇଁ ରାସ୍ତା ବାହାର କରାଯାଉନାହିଁ । ସମସ୍ୟାର ସମାଧାନ ନ ହେଲ ଆଗାମୀ ଦିନରେ ସହରର ବିଭିନ୍ନ ୱାର୍ଡ ତଥା ଅଞ୍ଚଳରେ ଆନ୍ଦୋଳନ ମୁଣ୍ଡ ଟେକିବ। ତେଣୁ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଦାବି ହୋଇଛି ।

■ ଡିୱାଇଏଫ୍‌ଆଇର ପଦଯାତ୍ରା, ପଥପ୍ରାନ୍ତ ସଭା

# ଜିଲାରେ ଖାଲି ପଡ଼ିଥିବା ସମସ୍ତ ପଦବୀ ପୂରଣ ପାଇଁ ଦାବି



ଡିୱାଇଏଫ୍‌ଆଇ କର୍ମକର୍ତ୍ତା ପଦଯାତ୍ରାରେ ବାହାରିଛନ୍ତି ।

**କାଶୀନଗର,୨୧।୧୦(ଡି.ଏନ୍.ଏ.)**

ଗଣତାନ୍ତ୍ରିକ ଯୁବ ଫେଡେରେଶନ୍ (ଡିୱାଇଏଫ୍‌ଆଇ) ଗଜପତି ଜିଲା କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର ଏକ ପଦଯାତ୍ରା ଆରମ୍ଭ ହୋଇଛି। ଏହାକୁ ଜିଲା ସମ୍ପାଦକ ଯତୀନ୍ ମହାନ୍ତି ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଅଲଡ଼ାଠାରୁ ବାହାରି କିଡ଼ିଗାଁଠାରେ ପହଞ୍ଚିଥିଲା। ମଙ୍ଗଳବାର କିଡ଼ିଗାଁରୁ ପୁଣି ପଦଯାତ୍ରା ବାହାରି ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବ। ସେଠାରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯିବ। ଏବଂ ଜିଲାରେ ଖାଲି ପଡ଼ିଥିବା ଡାକ୍ତର ଓ କର୍ମଚାରୀଙ୍କ ସମେତ ସମସ୍ତ ପଦବୀ ପୂରଣ, ବେକାର ଯୁବତୀ, ଯୁବକଙ୍କୁ ଆତ୍ମନିଯୁକ୍ତି ଋଣ, ଦୈନିକ ୨୦୦ ଟଙ୍କା ମଜୁରୀ, ମନରେଗାରେ ବର୍ଷକୁ ୨୦୦ ଦିନର କାମ ସହ ଦୈନିକ ୬୦୦ ଟଙ୍କା ମଜୁରୀ ଓ ଜିଲାରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣରେ ଜିଲାର ବେକାର ଯୁବତୀ,ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ଏବଂ କେନ୍ଦ୍ର ଓ ରାଜ୍ୟ ଦପ୍ତରରେ ଖାଲି ପଡ଼ିଥିବା ପଦବୀ ଗୁଡ଼ିକ ପୂରଣ ଆଦି ଦାବି ନେଇ ହଜାରରୁ ଉର୍ଦ୍ଧ୍ୱ ଯୁବତୀ ଯୁବକ ସାମିଲ୍ ହୋଇଥିଲେ। ରାଜ୍ୟ ସଭାପତି ସରୋଜ ନାୟକଙ୍କ ନେତୃତ୍ୱରେ ଏହି ପଦଯାତ୍ରା ଆରମ୍ଭ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା। ରାସ୍ତାରେ ବହୁ ସାଥୀ ଉପସ୍ଥିତ ରହି ଅଭିଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ପଦଯାତ୍ରାରେ କାଶୀନଗର ବ୍ଲକ୍ ସମ୍ପାଦକ ନାଗେଶ୍ୱର ଶବର, ସଭାପତି ସୋମେଶ କୁଣ୍ଡିଙ୍ଗି, ଜିଲା ନେତା ଶୁକ୍ରୁ ଶବର, ସିମେନ୍ଦ୍ର ଶବର, ରାଜୀବ ଶବର, ଆଦିବାସୀ ଅଧିକାର ମଞ୍ଚର ଜିଲା ନେତା କାର୍ତ୍ତିକ ଶବର ପଦଯାତ୍ରାକୁ ପରିଚାଳନା କରୁଥିବା ଜଣାପଡ଼ିଛି।

# ସେକ୍ଟର ସ୍ତରୀୟ ଅଙ୍କୁର ଦିବସ

**ରାୟଗଡ଼(ଗଜପତି), ୨୧।୧୦ (ଡି.ଏନ୍.ଏ.)**

ରାୟଗଡ଼ ବ୍ଲକ୍ ଗଙ୍ଗାବାଡ଼ ପଞ୍ଚାୟତ ସଭାଗୃହରେ ସେକ୍ଟର ସ୍ତରୀୟ ଅଙ୍କୁର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଇସିସି ଜିଲା ସଂଯୋଜକ ଶ୍ରୀନିବାସ ପାଣିଗ୍ରାହୀ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ଗଙ୍ଗାବାଡ଼ ସେକ୍ଟର ସୁପର୍‌ଭାଇଜର୍ ଲଳିତା ପୂଜାରୀ, ପୂର୍ବତନ ସରପଞ୍ଚ ହରିବନ୍ଧୁ କାର୍ଯୀଙ୍କ ସମେତ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ଅଙ୍ଗନୱାଡ଼ି କର୍ମୀ, ପ୍ରାକ୍ ବିଦ୍ୟାଳୟର ଶିଶୁ ଓ ଅଭିଭାବକମାନେ ଯୋଗ ଦେଇଥିଲେ। ମହିଳା ଓ ଶିଶୁ ବିଭାଗ ଏବଂ ମିଶନ୍ ଶକ୍ତି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି ଦିବସ ପାଳନର ଉଦ୍ଦେଶ୍ୟ, ମାତୃଭାଷାରେ ଶିଶୁମାନଙ୍କୁ ଶିକ୍ଷାଦାନର ଆବଶ୍ୟକତା, ଜନ୍ମରୁ ୬ବର୍ଷର ଶିଶୁଙ୍କ ଯତ୍ନ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଭିଡିଓ, ବ୍ୟାନର୍ ମାଧ୍ୟମରେ ଅଂଶଗ୍ରହଣକରୀଙ୍କୁ ଶିକ୍ଷା ଦିଆଯାଇଥିଲା।


ମହିଳାମାନଙ୍କୁ ଶିଶୁଙ୍କ ଯତ୍ନ ସମ୍ପର୍କରେ ପରାମର୍ଶ ଦିଆଯାଉଛି ।

# ଶୀତବସ୍ତ୍ର ବଣ୍ଟନ

**ରାୟଗଡ଼(ଗଜପତି), ୨୧।୧୦ (ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ୍ ସଦରସ୍ଥିତ ଲୋକନାଥେଶ୍ୱର ମନ୍ଦିର ପରିସରରେ ରାୟଗଡ଼ ଗ୍ରାମର ବୃଦ୍ଧାମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ୨୦୧୫ରୁ ଗ୍ରାମର କେତେକ ସାମାଜିକକର୍ମୀ ଓ ବୁଦ୍ଧିଜୀବୀଙ୍କ ଦ୍ୱାରା ଅସହାୟ ବୃଦ୍ଧାମାନଙ୍କୁ ଚିହ୍ନଟ କରାଯାଇ ପ୍ରତି ସଂକ୍ରାନ୍ତିରେ ସେମାନଙ୍କ ପାଇଁ ଅନ୍ନଭୋଜନର ବ୍ୟବସ୍ଥା କରାଯାଉଛି। ୪ବର୍ଷ ହେଲା ଏହି କାର୍ଯ୍ୟକ୍ରମ ଚାଲିଥିବା ଜଣାପଡ଼ିଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ସଂଘଚାଳକ ରାଧାକୃଷ୍ଣ ଜାନୀ, ଜିଲା ବୌଦ୍ଧିକ ପ୍ରମୁଖ ପ୍ରସାଦ ଘଡ଼େଇ, ସାମାଜିକକର୍ମୀ ପ୍ରଦୀପ ଦଳାଇ, ଚନ୍ଦ୍ରଶେଖର ମଲିକ, କାଶି ଆଚାରୀ, ବୁଦ୍ଧିଆ ସାହୁ, ଦିଲୀପ ନାୟକଙ୍କ ସମେତ ବହୁ ସମାଜସେବୀ ଉପସ୍ଥିତ ଥିଲେ। ଏଥିରେ ଶତାଧିକ ବୃଦ୍ଧା ଯୋଗଦେଇଥିଲେ।


ଶୀତବସ୍ତ୍ର ବଣ୍ଟନ କରାଯାଉଛି ।

# ଶାରୀରିକ, ମାନସିକ ବିକାଶ ପାଇଁ ଆୟୋଡିନ୍ ଜରୁରୀ

**ପାରଳାଖେମୁଣ୍ଡି, ୨୧।୧୦(ସ୍ୱ.ପ୍ର.)**

ଗଜପତି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ସ୍ଥାନୀୟ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମିଳନୀକକ୍ଷରେ ଜିଲା ସ୍ତରୀୟ "ବିଶ୍ୱ ଆୟୋଡିନ ଦିବସ" ପାଳିତ ହୋଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। ସିଡିଏମ୍‌ଓ ଡା. ଗୁନୁରାଣୀ ପଟ୍ଟନାୟକ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ପ୍ରଶିକ୍ଷଣ ୟୁନିଟ୍‌ର ସୁଫଳା ବେହେରା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାତ୍ର, ଡା. ସୁଧିର କୁମାର ଜେନା, ଜିଲା କାର୍ଯ୍ୟକ୍ରମ ପରିଚାଳକ ସୌମ୍ୟାରାଣୀ ଗୌଡ଼ ଉପସ୍ଥିତ ଥିବାବେଳେ ଶୋଭାଯାତ୍ରାକୁ ତୁଷାର କୁମାର ପଟ୍ଟନାୟକ, ଗୁରୁ ପ୍ରସାଦ ପଟ୍ଟନାୟକ, ସନ୍ତୋଷ କାର୍ଯୀ ପରିଚାଳନା କରିଥିଲେ । ଏହି ଶୋଭାଯାତ୍ରାରେ ଆଶାକର୍ମୀ, ଏଏନଏମ୍ ଓ ପ୍ରଶିକ୍ଷଣ ୟୁନିଟ୍‌ର ଛାତ୍ରୀଛାତ୍ରମାନେ ବିଭିନ୍ନ ସଚେତନତା ମୂଳକ ସ୍ଲୋଗାନ୍ ଦେଇ ସହର ପରିକ୍ରମା କରିଥିଲେ। ଏହି ପରିପ୍ରେକ୍ଷୀରେ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟର ଜିଲା ପ୍ରଶିକ୍ଷଣ ୟୁନିଟ୍‌ଠାରେ ଏକ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ପରେ ଆୟୋଜିତ ଏକ ସଚେତନତା ସଭାରେ କାର୍ଯ୍ୟକ୍ରମରେ ସିଡିଏମ୍‌ଓ ଡା. ପଟ୍ଟନାୟକ ଅଧ୍ୟକ୍ଷତା କରି ଶରୀର ଆବଶ୍ୟକ କରୁଥିବା ବିଭିନ୍ନ ରାସାୟନିକ ଦ୍ରବ୍ୟ ମଧ୍ୟରୁ ଆୟୋଡିନ ପ୍ରମୁଖ ବୋଲି କହିଥିଲେ। ଏହି ଅବସରରେ ଆୟୋଡିନ୍ ଅଭାବ ଦ୍ୱାରା ଶରୀରରେ ଦେଖାଯାଉଥିବା ରୋଗ, ଏହାର ପ୍ରତିଶେଧକ ଓ ସତର୍କତା ଉପରେ ଏଠାରେ ସଚେତନତା ସୃଷ୍ଟି କରାଯିବା ସହ ସମସ୍ତେ ଯେପରି ଶତ ପ୍ରତିଶତ ଆୟୋଡିନ ଯୁକ୍ତ ଲୁଣ ଖାଦ୍ୟପେୟରେ ବ୍ୟବହାର କରିବେ ତାହା ହିଁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭି. ଲୋକନାଥ ରାଜୁ, ଡା. ପ୍ରଦୀପ କୁମାର ପାତ୍ର ଏବଂ କର୍କଟ ରୋଗ ଡାକ୍ତର ଆନନ୍ଦ ସାମନ୍ତରାୟ ଯୋଗଦେଇ ଆୟୋଡିନ୍ ଶାରୀରିକ ଓ ମାନସିକ ବିକାଶ ପାଇଁ କେତେ ଜରୁରୀ ସେ ସମ୍ପର୍କରେ ବୁଝାଇଥିଲେ ।



ସିଡିଏମ୍‌ଓ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି।

## ବିଶ୍ୱ ଆୟୋଡିନ୍ ଦିବସ